ଧରିତ୍ରୀ
DHARITRI
ଭୁବନେଶ୍ୱର, ମଙ୍ଗଳବାର, ୨୩ ମେ, ୨୦୨୩

## ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ

ମୋରଡ଼ା,(ଡି.ଏନ୍.ଏ.): ମୟୂରଭଞ୍ଜ ଜିଲା ମୋରଡ଼ା ଥାନା ତଥା ଚିତ୍ରଡ଼ା ଫାଣ୍ଡି ଅଧୀନ ହଳଦୀପାଳ ପଞ୍ଚାୟତର ଡାଙ୍ଗରବିଲା ଗ୍ରାମରେ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ପୋଲିସ ଜବତ କରିଛି। ମୃତକ ଗ୍ରାମର ରାଜକିଶୋର ଚୌଧୁରୀ। ସେ ରବିବାର ରାତିରେ ଖାଇ ସାରି ନିଜ ରୁମରେ ଶୋଇଥିଲେ। ସୋମବାର ୧୧ ଟା ବେଳକୁ ରୁମ୍‌ରୁ ନ ବାହାରିବାରୁ ପରିବାର ଲୋକେ ରୁମ୍ ଖୋଲିବାରୁ ବେଗରେ ରଶି ବାନ୍ଧି ଝୁଲିପଡ଼ିଥିବା ଦେଖିଥିଲେ। ଖବର ପାଇ ଚିତ୍ରଡ଼ା ଫାଣ୍ଡି ପୋଲିସ ପହଞ୍ଚି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପିଆରଏମ ମେଡିକାଲ କଲେଜ ଏଣ୍ଡ ହସ୍ପିଟାଲକୁ ପଠାଇ ତଦନ୍ତ କରୁଛି।



## ସଂକ୍ଷେପରେ

### ବିଦ୍ୟାଳୟରୁ ଚୋରି

ଧାମନଗର,୨୨।୫ (ଡି.ଏନ.ଏ.)-ଭଦ୍ରକ ଜିଲା ଧାମନଗର ଥାନା ଅଞ୍ଚଳରେ କିଛିଦିନ ହେଲା ବିଭିନ୍ନ ବିଦ୍ୟାଳୟ, ବ୍ୟବସାୟ ପ୍ରତିଷ୍ଠାନ ଓ ଚାରିଚକିଆ ଯାନରୁ ବ୍ୟାଟେରି ଚୋରି ବଢ଼ିବାରେ ଲାଗିଛି। ରବିବାର ରାତିରେ ଦୋବଲ ସାହିଠାରେ ଥିବା ଏସ୍ଏଜେ ହାଇସ୍କୁଲରୁ ଚୋରି ହୋଇଛି। କେହି ଦୁର୍ବୃତ୍ତ ବିଦ୍ୟାଳୟର ଇନ୍‌ଭର୍ଟର ଓ ବ୍ୟାଟେରି ଚୋରି କରି ନେଇଛନ୍ତି। ବିଦ୍ୟାଳୟରେ ରାତ୍ରଜଗୁଆଳି ଥିଲେ ମଧ ଚୋରି ହେବା ସମସ୍ତଙ୍କୁ ଚକିତ କରିଛି। ପ୍ରଧାନ ଶିକ୍ଷକ ବିଭୂତି ଭୂଷଣ ମିଶ୍ର ଚୋରି ସମ୍ପର୍କରେ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ରାତ୍ର ଜଗୁଆଳି ରାକେଶ ନାୟକଙ୍କ କହିବାନୁଯାୟୀ ବିଦ୍ୟାଳୟ ପଡ଼ିଆରେ ୫-ଟିରେ ମାଟି କାମ ଚାଲିଛି। କେତେଜଣ ଲୋକ କେତେବେଳେ ଆସୁଛ ଓ କେତେବେଳେ ଯାଉଛ ବୋଲି ତାଙ୍କୁ ପଚାରୁଥିଲେ। ପୋଲିସ ବିଦ୍ୟାଳୟରେ ପହଞ୍ଚି ତଦନ୍ତ କରିଛି।

### ଗ୍ରୀଷ୍ମକାଳୀନ ବାସ୍କେଟବଲ୍ ପ୍ରଶିକ୍ଷଣ

ଭଦ୍ରକ ଅଫିସ,୨୨।୫-ଭଦ୍ରକ ବାସ୍କେଟବଲ୍ ଏକାଡେମୀ ପକ୍ଷରୁ ଭଦ୍ରକ କଲେଜ ପଡ଼ିଆ ବାସ୍କେଟବଲ୍ ଗ୍ରାଉଣ୍ଡରେ ରବିବାରଠାରୁ ଗ୍ରୀଷ୍ମକାଳୀନ ପ୍ରଶିକ୍ଷଣ ଶିବିର ଆରମ୍ଭ ହୋଇଛି। ବରିଷ୍ଠ କ୍ରୀଡ଼ା ପ୍ରଶିକ୍ଷକ ମନୋଜ ସାହୁଙ୍କ ତତ୍ତ୍ୱାବଧାନରେ ଶିବିର ଆରମ୍ଭ ହୋଇଥିବା ବେଳେ ଆସନ୍ତା ୩୦ ତାରିଖ ପର୍ଯ୍ୟନ୍ତ ଚାଲିବ। ୨୦ରୁ ଉର୍ଦ୍ଧ୍ୱ ନୂତନ ଖେଳାଳି ତାଲିମ ନେଉଥିବା ବେଳେ ଆଉ ଅଧିକ ପ୍ରଶିକ୍ଷାର୍ଥୀ ବିନା ଶୁଳ୍କରେ ପ୍ରଶିକ୍ଷଣ ନେଇପାରିବେ ବୋଲି ପ୍ରଶିକ୍ଷକ ସାହୁ ଜଣାଇଛନ୍ତି। ସାହୁଙ୍କ ସମେତ ମନୋଜ ମହାନ୍ତି, ଶ୍ରୀକାନ୍ତ ଜେନା ପ୍ରମୁଖ ତାଲିମ ଦେଉଛନ୍ତି।

### ଶ୍ରୀରାମ ମହାଯଜ୍ଞ ସମିତି ପକ୍ଷରୁ ରାୟ ରାମାନନ୍ଦଙ୍କୁ ଶ୍ରଦ୍ଧାଞ୍ଜଳି

ଭଦ୍ରକ ଅଫିସ,୨୨।୫-ଭଦ୍ରକ ଶ୍ରୀରାମ ନବମୀ ମହୋତ୍ସବ କମିଟି 'ଶ୍ରୀରାମ ମହାଯଜ୍ଞ ସମିତି'ର ପୂର୍ବତନ ପ୍ରତିଷ୍ଠାତା ସଦସ୍ୟ ତଥା ସଭାପତି ସ୍ୱର୍ଗତ ରାୟ ରାମାନନ୍ଦ ମହାପାତ୍ରଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ସଭା ଭାଗବତ କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ସମିତି ପକ୍ଷରୁ ସମ୍ପାଦକ ଶରତ ପଡ଼ିଆରୀଙ୍କ ସଂଯୋଜନାରେ ଆୟୋଜିତ ସଭାରେ ଅତିଥି ଭାବେ ଉପଦେଷ୍ଟା ତଥା ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ, ଧାମନଗର ବିଧାୟକ ସୂର୍ଯ୍ୟବଂଶୀ ସୂରଜ, କାର୍ଯ୍ୟକାରୀ ସଭାପତି ବ୍ୟୋମକେଶ ସେନାପତି, ସଂଯୋଜକ ଗୋବିନ୍ଦ ରାଉତ, ସଦସ୍ୟ ଦୀନବନ୍ଧୁ ପତି ପ୍ରମୁଖ ଯୋଗ ଦେଇଥିଲେ। ଭଦ୍ରକରେ ରାମନବମୀ ମହୋତ୍ସବକୁ ଗଣପର୍ବରେ ପରିଣତ କରିବାରେ ସ୍ୱର୍ଗତ ମହାପାତ୍ରଙ୍କ ଅବଦାନ ସର୍ବଦା ମନେ ରହିବ ବୋଲି ଅତିଥିମାନେ କହିଥିଲେ। ସମିତିର ପୂର୍ବତନ ସମ୍ପାଦକ ଆଇନଜୀବୀ ଦୁର୍ଗାରାୟ ମହାପାତ୍ର, ସୂର୍ଯ୍ୟକାନ୍ତ ମହାନ୍ତି, ଉପଦେଷ୍ଟା ଅଭିମନ୍ୟୁ ସେଠୀ, ହେମନ୍ତ ପାଢ଼ୀ, ବଦ୍ରିନାରାୟଣ ଧଳ, ଆଇନଜୀବୀ ସନ୍ତୋଷ ଦାସ, ଗୋପାଳ ମୈକାପ, କଂଗ୍ରେସ ନେତା ନଳିନୀ ମହାନ୍ତି, ଆଇନଜୀବୀ ପୂର୍ଣ୍ଣଚନ୍ଦ୍ର ମହାନ୍ତି, ନାଟ୍ୟଶ୍ରୀ ନିର୍ମଳ ରାଉତ, ଉପସଭାପତି ଅମ୍ବିକା ଦାସ, ମନସ୍ମିତା ଖୁଣ୍ଟିଆ, କୋଷାଧକ୍ଷ ନିରଞ୍ଜନ ସାହୁ, ଉପସଭାପତି ପ୍ରଦୀପ୍ତ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।

# ମଇଳାପାଣି ପିଉଛନ୍ତି ସହରବାସୀ

କେନ୍ଦୁଝର,୨୨।୫ (ସ୍ୱ.ପ୍ର.)


ପାଇପ ଫାଟି ପାଣି ଲିକେଜ୍ ହେଉଛି।

ଲୋକଙ୍କୁ ପାଇପ ଦ୍ୱାରା ସ୍ୱଚ୍ଛ ଓ ବିଶୁଦ୍ଧଜଳ ଯୋଗାଣ ପାଇଁ ସରକାର ବ୍ୟବସ୍ଥା କରିଛନ୍ତି। କିନ୍ତୁ ନିମ୍ନମାନର ପାଇପ ବିଛା କାମ ହେଉଥିବାରୁ ଏବଂ ଉପଯୁକ୍ତ ତଦାରଖ ଅଭାବରୁ କେନ୍ଦୁଝର ସହରରେ ବିଭିନ୍ନ ସ୍ଥାନରେ ପାଇପ ଫାଟି ପାଣି ନଷ୍ଟ ହେଉଛି। ଏଥିସହ ଉକ୍ତ ସ୍ଥାନରେ ବାହାର ମଇଳା ପଶି ପାଣି ଦୂଷିତ ହେଉଛି। ଏହି ପାଣିକୁ ଲୋକମାନେ ଶୁଦ୍ଧ ପାଣି ଭାବି ପିଇଥାନ୍ତି।

ପ୍ରକାଶ ଯେ, ଏସ୍‌ପି ଅଫିସ୍ ନିକଟ ଫୁଟ୍‌ପାଥ୍ (ଯେଉଁଠି ବେପାରୀ ବସି ପରିବା ବିକୁଛନ୍ତି)ରେ ଏକ ମୁଖ୍ୟ ପାଇପ ଫାଟିଯାଇଥିବାରୁ ପାଣି ବୋହୁଛି। ସେଠାରେ ବେପାରୀମାନେ ମୁହଁ ଧୋଇବା ସହ ପାଣି ବ୍ୟବହାର କରୁଛନ୍ତି। ତେବେ ଉକ୍ତ ସ୍ଥାନଟି ଅପରିଷ୍କାର ହୋଇଥିବାରୁ ବାହାର ମଇଳା ଆବର୍ଜନା ପାଣି ସଂସ୍ପର୍ଶରେ ଆସୁଥିବାରୁ ମଇଳା ଆବର୍ଜନା ପଶୁଥିବା ସମ୍ଭାବନା ଅଧିକ ରହିଛି। ଫଳରେ ପାଇପ ଭିତରେ ପ୍ରବାହିତ ପିଇବା ପାଣି ସଂକ୍ରମିତ ହେବା ଆଶଙ୍କା ରହୁଛି। ସେହିପରି ଧର୍ମଶାଳା ରାସ୍ତାରେ ମଧ ପାଇପ ଫାଟି ପାଣି ବାହାରୁଥିଲେ ହେଁ କାହାରିକୁ ଦେଖାଯାଉନାହିଁ। ସେହିପରି ସହରରେ ବିଭିନ୍ନ ସ୍ଥାନରେ ଏଭଳି ପାଇପ ଫାଟୁଥିଲେ ହେଁ ଦେଖିବାକୁ କେହି ନାହିଁ। ପାଇପ ଫାଟି ଅଧିକ ପାଣି ବାହାରିଲେ କିମ୍ବା ଅଭିଯୋଗ ମିଳିଲେ ତାହାର ମରାମତି କରାଯାଉଛି। କିନ୍ତୁ ସହରରେ ବିଛାଯାଇଥିବା ପାଇପର ଅବସ୍ଥା ନିୟମିତ ଅନୁଧ୍ୟାନ କରାଯାଉ ନ ଥିବାରୁ ଏଭଳି ସମସ୍ୟା ଉପୁଜୁଥିବା ଅଭିଯୋଗ ହେଉଛି। ଅନେକ ସମୟରେ ପାଇପ ଫାଟିବା ଫଳରେ ପ୍ରେସର ହୁଏନାହିଁ। ଫଳରେ ପାଣି ପ୍ରବାହ କମିଯାଏ ଏବଂ ତଳ ଅଞ୍ଚଳରେ ଲୋକେ ପାଣି ପାଇପାରନ୍ତିନାହିଁ। ଜୁନିୟର ଆସିଷ୍ଟାଣ୍ଟ ମ୍ୟାନେଜର ସୁବିର ମାଇତି କହିଛନ୍ତି, ସେ ଜାଣି ନ ଥିଲେ। ଏବେ ସଜାଡ଼ି ଦିଆଯିବ।

### ସଜଡ଼ା ହେଉନି ପାଇପ୍‌ଲାଇନ

ସୂଚନାଯୋଗ୍ୟ, ପାଇପଗୁଡ଼ିକ ରାସ୍ତା ଉପରେ ରହିଥିବାରୁ ବର୍ଷାପାଣି ପଡ଼ି କଳଙ୍କି ଲାଗି ନଷ୍ଟହେବା ସହ ବଡ଼ ଗାଡ଼ି ଚଳପ୍ରଚଳ ଯୋଗୁ ଭାଙ୍ଗିଯାଇଥାଏ। ପାଇପ ଯୋଡ଼ା ଯାଉଥିବା ସ୍ଥାନଗୁଡ଼ିକ ନିୟମିତ ଯାଞ୍ଚ ହେଉ ନ ଥିବାରୁ ସେଠାରୁ ମଧ ପାଣି ଲିକ୍ କରିଥାଏ। ବର୍ତ୍ତମାନ ସମୟରେ ପାଣି ସମସ୍ୟା ଲାଗି ରହୁଥିବାରୁ ସମସ୍ୟା ସମାଧାନ କରିବା ଦିଗରେ ପଦକ୍ଷେପ ନେବାକୁ ସହରବାସୀ କହିଛନ୍ତି।

# ୩ ଶହରୁ ଉର୍ଦ୍ଧ୍ୱ ଅଭିଯୋଗ ଆଗତ


ଦିବ୍ୟାଙ୍ଗଙ୍କୁ ମିଳିଥିବା ନୂତନ ଟ୍ରାଇ ସାଇକେଲ।

ଚମ୍ପୁଆ,୨୨।୫(ଡି.ଏନ୍.ଏ.)

କେନ୍ଦୁଝର ଜିଲା ଚମ୍ପୁଆ ବ୍ଲକ୍ ସଭା ଗୃହଠାରେ କେନ୍ଦୁଝର ଜିଲାପାଳ ଆଶିଷ ଠାକରେଙ୍କ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ୩ ଶହରୁ ଉର୍ଦ୍ଧ୍ୱ ଅଭିଯୋଗ ଆଗତ ହୋଇଥିଲା। ଜିଲାପାଳ ଅଭିଯୋଗ ସମ୍ପର୍କିତ ବିଭାଗୀୟ ଅଧିକାରୀଙ୍କୁ ଏହାର ସମାଧାନ କରିବାକୁ ପରାମର୍ଶ ଦେଇଥିଲେ। ବିଶେଷ ଭାବରେ ଭତ୍ତା, ଆବାସ, ପିଡିଏସ, ଉପଖଣ୍ଡ ଚିକିତ୍ସାଳୟରେ ଡାକ୍ତର ସମସ୍ୟା, ପରିତ୍ୟକ୍ତ ଗୋଦାମ ଗୃହକୁ ଚିକିତ୍ସାଳୟକୁ ହସ୍ତାନ୍ତର, ଚିକିତ୍ସାଳୟରେ ଫିଜିଓ ଥେରାପି କେନ୍ଦ୍ର ଖୋଲିବା, ବ୍ଲକ୍‌ର ସହକାରୀ ଯନ୍ତ୍ରୀଙ୍କ ମନମୁଖୀ କାର୍ଯ୍ୟ ଉପରେ ଅଭିଯୋଗମାନ ଆସିଥିଲା। ଏହି

### ଜିଲାପାଳଙ୍କ ଅଭିଯୋଗ ଶୁଣାଣି

ପରିପ୍ରେକ୍ଷୀରେ ଜିଲାପାଳ ବ୍ୟାଟେରୀ ଚାଳିତ ୩ ଚକିଆ ସାଇକେଲ ୪୩ ଜଣ ଦିବ୍ୟାଙ୍ଗଙ୍କୁ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ପି.ଡି. ଡିଆରଡିଏ ବିଷ୍ଣୁ ପ୍ରସାଦ ଆଚାର୍ଯ୍ୟ, ଅତିରିକ୍ତ ଆରକ୍ଷୀ ଅଧିକାରୀ ବିରଞ୍ଚି ପ୍ରସାଦ ଦେହୁରୀ, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ କିଶୋର ପୃଷ୍ଟି, ଉପଜିଲାପାଳ ସୁକାନ୍ତ କୁମାର ମାଝୀ, ଏସ୍‌ଡିଏମଓ ଉମାକାନ୍ତ ସାହୁ, ଡିଏସପି ରାମରାୟ ମୁର୍ମୁ, ତହସିଲଦାର ଡ. ସାଇ ସସ୍ମିତା ହୋତା, ଡେପୁଟି କଲେକ୍ଟର ସୁଚିସ୍ମିତା ଦାସ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀମାନେ ଯୋଗ ଦେଇଥିଲେ।

# ଏସ୍‌ଏଚ୍‌ଜି ନାମରେ ଅର୍ଥ ଆତ୍ମସାତ୍ ଅଭିଯୋଗ


ଜିଲାପାଳଙ୍କ ଅଫିସ ସମ୍ମୁଖରେ ଏସ୍‌ଏଚ୍‌ଜି ମହିଳା।

ବାଲେଶ୍ୱର ଅଫିସ, ୨୨।୫

ବାଲେଶ୍ୱର ଜିଲା ବସ୍ତା ବ୍ଲକରେ ନାରୀ ସଶକ୍ତିକରଣ ସକାଶେ ସ୍ୱୟଂ ସହାୟିକା ଗୋଷ୍ଠୀ (ଏସ୍‌ଏଚ୍‌ଜି)ଙ୍କ ଦ୍ୱାରା ହେଉଥିବା ବିଭିନ୍ନ ସରକାରୀ ଯୋଜନାରେ ବହୁ ଅର୍ଥ ଆତ୍ମସାତ୍ ହେଉଥିବା ଅଭିଯୋଗ ଆସିଛି। ଉକ୍ତ ବ୍ଲକର କେତେକ ଏସ୍‌ଏଚ୍‌ଜି ମହିଳା ସୋମବାର ଜିଲାପାଳଙ୍କ ମାଧ୍ୟମରେ ମୁଖ୍ୟମନ୍ତ୍ରୀ, ମୁଖ୍ୟ ଶାସନସଚିବ, ମହିଳା ଓ ଶିଶୁ ବିକାଶ କଲ୍ୟାଣ ବିଭାଗ, ୫-ଟି ସଚିବଙ୍କୁ ସ୍ମାରକପତ୍ର ପ୍ରଦାନ କରିଛନ୍ତି।

ବସ୍ତା ବ୍ଲକ ଏସ୍‌ଏଚ୍‌ଜି ସଭାନେତ୍ରୀ ସୁକାନ୍ତି ଲତା ଭକ୍ତା, ବରୁଣଗଡ଼ିଆ ପଞ୍ଚାୟତର ସଭାନେତ୍ରୀ ସଂଯୁକ୍ତା ମଣ୍ଡଳ ଓ ବାହାର୍ଦ୍ଦା ପଞ୍ଚାୟତର ସଭାନେତ୍ରୀ ମିତାରାଣୀ ମଲ୍ଲିକଙ୍କ ନେତୃତ୍ୱରେ ବହୁ ଏସ୍‌ଏଚ୍‌ଜି ସଦସ୍ୟା ବିଭିନ୍ନ ଯୋଜନାରେ ଅର୍ଥ ଆତ୍ମସାତ୍ ହେଉଥିବା ବିରୋଧରେ ସ୍ୱର ଉତ୍ତୋଳନ କରିଛନ୍ତି। ଅଙ୍ଗନୱାଡ଼ି ଓ ସ୍କୁଲ ପିଲାଙ୍କ ପୋଷାକ, ଜାତୀୟ ପତାକା ତିଆରି, ୫-ଟି ସ୍କୁଲରେ ସଫେଇ ଓ ପରିମଳ ବ୍ୟବସ୍ଥାକୁ ତ୍ୱରାନ୍ୱିତ କରିବା ସହ ଜଗୁଆଳି ବ୍ୟବସ୍ଥା ଲାଗୁ କରିବା, ଆଶ୍ରମ ସ୍କୁଲ ଓ ହସ୍‌ପିଟାଲଗୁଡ଼ିକରେ ଖାଦ୍ୟ ଦେବାଠାରୁ ଆରମ୍ଭ କରି ଆଶ୍ରମ ସ୍କୁଲ ପିଲାଙ୍କ ସମସ୍ତ ନିତ୍ୟ ବ୍ୟବହାର୍ଯ୍ୟ ଜିନିଷ ଯୋଗାଇଦେବା ଭଳି ବିଭିନ୍ନ କାର୍ଯ୍ୟ ଏସ୍‌ଏଚ୍‌ଜିଗୁଡ଼ିକୁ ପ୍ରଦାନ କରାଯାଉଛି। ଏହି କାର୍ଯ୍ୟ ବଣ୍ଟନରେ ସ୍ଥାନୀୟ ଅଧିକାରୀମାନେ ନେଣଦେଣ କରି ପାତରଅନ୍ତର ନୀତିରେ କାର୍ଯ୍ୟ କରାଉଥିବା ନେଇ ଅଭିଯୋଗ ହୋଇଛି। ଏହା ଉପରେ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବି ହୋଇଛି। ଜିଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ସୂଚାରୁ ବଳଙ୍କୁ ଏହି ସ୍ମାରକପତ୍ର ପ୍ରଦାନ କରାଯାଇଥିବା ବେଳେ ଏସ୍‌ଏଚ୍‌ଜି ସଭାନେତ୍ରୀଙ୍କ ସହ ବାଲେଶ୍ୱର ବାର୍ ଆସୋସିଏସନ୍ ସଭାପତି ମନୋଜ କୁମାର ନାୟକ ଉପସ୍ଥିତ ଥିଲେ। ଅତିରିକ୍ତ ଜିଲାପାଳ ସୂଚାରୁ ବଳ ସ୍ମାରକପତ୍ର ଗ୍ରହଣ କରିବା ସହ ଉକ୍ତ ଅର୍ଥ ଆତ୍ମସାତ୍ ହୋଇଥିବା ଘଟଣାଗୁଡ଼ିକ ଉପରେ ତଦନ୍ତ କରାଯାଇ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ପ୍ରକାଶ କରିଥିଲେ।

### କାର୍ଯ୍ୟାନୁଷ୍ଠାନ ଦାବିରେ ସ୍ମାରକପତ୍ର

# ସାପ କାମୁଡ଼ାରେ ଛାତ୍ରୀଙ୍କ ଜୀବନ ଗଲା

ରୂପସା, ୨୨।୫(ଡି.ଏନ.ଏ.)

ବାଲେଶ୍ୱର ସଦର ବ୍ଲକର ରୂପସା ଥାନା ଅଧୀନ ଆଙ୍କୋ ଗ୍ରାମର ଜଣେ ଛାତ୍ରୀ ସାପ କାମୁଡ଼ାରେ ପ୍ରାଣ ହରାଇଛନ୍ତି। ମୃତ ଛାତ୍ରୀ ହେଲେ ବରେନ୍ଦ୍ର ଜେନାଙ୍କ ଝିଅ ବର୍ଷା ଜେନା (୧୫)।

ରବିବାର ସନ୍ଧ୍ୟାରେ ଘର ନିକଟରେ ସେ ପରିସ୍ରା କରିବାକୁ ଯାଇଥିଲେ। ସେଠାରେ ତାଙ୍କୁ ଏକ ବିଷଧର ସାପ କାମୁଡିଥିଲା। ଗୁରୁତର ଅବସ୍ଥାରେ ବର୍ଷାଙ୍କୁ ପ୍ରଥମେ ରୂପସା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ହେଲେ ରାତିରେ ତାଙ୍କର ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଥିଲା। ସେ ମହାପାତ୍ର ହାଇସ୍କୁଲର ଦଶମ ଶ୍ରେଣୀରେ ଅଧ୍ୟୟନ କରୁଥିଲେ। ତାଙ୍କ ମୃତ୍ୟୁରେ ସ୍ଥାନୀୟ ଅଞ୍ଚଳ ସମେତ ଛାତ୍ର ଓ ଶିକ୍ଷକ ମହଲରେ ଶୋକର ବାତାବରଣ ଖେଳିଯାଇଛି। ଏ ନେଇ ରୂପସା ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ. ୭/୨୩) ରୁଜୁ ହୋଇ ସୋମବାର ମୃତଦେହ ବ୍ୟବଚ୍ଛେଦ କରାଯାଇଛି।

# ଭଙ୍ଗାଗଲା ୧୨୦ରୁ ଉର୍ଦ୍ଧ୍ୱ ଦୋକାନ

## ୨ୟ ଦିନରେ ମୋଚିଛକ-ଭଦ୍ରକାଳୀ ରାସ୍ତାପାର୍ଶ୍ୱରୁ ଜବରଦଖଲ ଉଚ୍ଛେଦ


ଜେସିବି ଦ୍ୱାରା ଜବରଦଖଲ ଉଚ୍ଛେଦ କରାଯାଉଛି।

ଭଦ୍ରକ ଅଫିସ, ୨୨।୫

ଭଦ୍ରକ ସହରର ମୋଚି ଛକଠାରୁ ଭଦ୍ରକାଳୀ ପୁରୁଣାବଜାର ରାସ୍ତା ନିର୍ମାଣ ପାଇଁ ରବିବାରଠାରୁ ପ୍ରଶାସନ ପକ୍ଷରୁ ଜବରଦଖଲ ଉଚ୍ଛେଦ ଚାଲିଛି। ପ୍ରଥମ ଦିନରେ ମୋଚି ଛକଠାରୁ ସନ୍ଥିଆ ପୋଲ ପର୍ଯ୍ୟନ୍ତ ଉଚ୍ଛେଦ କରାଯାଇଥିଲା। ସୋମବାର ଦ୍ୱିତୀୟ ଦିନରେ ସନ୍ଥିଆ ପୋଲ ନିକଟରୁ ଉଚ୍ଛେଦ ଆରମ୍ଭ କରାଯାଇଥିବା ବେଳେ ନଙ୍ଗାମହଲା, ମୁଲ୍ଲାସାହି, ଶଙ୍କରପୁର, ଲାହାପଟିଆଦିବିଭିନ୍ନ ସ୍ଥାନରେ ୧୨୦ରୁ ଉର୍ଦ୍ଧ୍ୱ ଦୋକାନ ଭଙ୍ଗାଯାଇଛି। ସିଟି ଡିଏସ୍‌ପି ଅଂଶୁମାନ ଦ୍ୱିବେଦୀ, ଟାଉନ ଥାନାଧିକାରୀ ଉମାଶଙ୍କର ନାୟକ, ପୁରୁଣାବଜାର ଥାନାଧିକାରୀ କରୁଣାକର ରାଉତଙ୍କ ନେତୃତ୍ୱରେ ୫ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ରହିଥିଲା।

# ଜିଲାପାଳଙ୍କ ଅଫିସ୍ ଆଗରେ ସଫେଇ କର୍ମଚାରୀଙ୍କ ଧାରଣା

ବାଲେଶ୍ୱର ଅଫିସ, ୨୨।୫

ବାଲେଶ୍ୱର ପୌର ପରିଷଦରେ କାର୍ଯ୍ୟରତ ସଫେଇ କର୍ମଚାରୀମାନେ ବିଭିନ୍ନ ଦାବି ନେଇ ଗତ ୧୨ତାରିଖରୁ ପୌରପାଳିକା ନିର୍ବାହୀ ଅଧିକାରୀଙ୍କ ଅଫିସ୍, ପୌରାଧକ୍ଷା, ପୌର ଉପାଧକ୍ଷ ଏବଂ ବିଧାୟକଙ୍କ ଘର ଆଗରେ ଧାରଣା ଦେବା ପରେ ସୋମବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ଆରମ୍ଭ କରିଛନ୍ତି। ସରକାରୀ ନିୟମ ଭିତ୍ତିରେ କାର୍ଯ୍ୟ କରିବା ଦାବିରେ ସେମାନେ ପୂର୍ବରୁ ଜିଲାପାଳଙ୍କୁ ଗୁହାରୀ କରିବାକୁ ଯାଇଥିଲେ। ମାତ୍ର ୨ ଘଣ୍ଟା ଧାରଣାରେ ବସିବା ପରେ ଜିଲାପାଳଙ୍କ ସାକ୍ଷାତ୍ ନ ପାଇ ପଳାଇ ଯାଇଥିଲେ।

ପୌର କର୍ତ୍ତୃପକ୍ଷଙ୍କ ଉଦାସୀନତା ଯୋଗୁ ସଫେଇ କର୍ମଚାରୀଙ୍କୁ ଏବେ ବାରଦ୍ୱାର ହେବାକୁ ପଡୁଛି ବୋଲି ସେମାନେ ଆରୋପ ଉଠାଇଛନ୍ତି। ସହରର ବର୍ଜ୍ୟବସ୍ତୁ ପରିଚାଳନାରେ ସରକାରୀ ନିୟମ ପାଳନ କରିବା ପରିବର୍ତ୍ତେ ପୌର କର୍ତ୍ତୃପକ୍ଷ ସେମାନଙ୍କୁ ଠକି ଚାଲିଥିବା ସଫେଇ କର୍ମଚାରୀ ନେତା ଲକ୍ଷ୍ମଣ ବେହେରା ଅଭିଯୋଗ ଉଠାଇଛନ୍ତି। ଜିଲାପାଳ ଯଦି ଉଚିତ୍ ପଦକ୍ଷେପ ନ ନିଅନ୍ତି ତା'ହେଲେ ଆଗାମୀ ଦିନରେ ସମ୍ପୂର୍ଣ୍ଣ କାର୍ଯ୍ୟବନ୍ଦ ସହ ଅହୋରାତ୍ର ଧାରଣା ଦିଆଯିବ ବୋଲି ଚେତାବନୀ ଦେଇଛନ୍ତି। ଜିଲାପାଳ ଦତ୍ତାତ୍ରେୟ ଭାଉସାହେବ ଶିନ୍ଦେ ସଫେଇ କର୍ମଚାରୀଙ୍କୁ ଡାକି ସନ୍ଧ୍ୟାରେ ସମସ୍ୟାର ସମାଧାନ ନିମନ୍ତେ ଆଲୋଚନା କରିଛନ୍ତି।

# ଦେବ ଦମ୍ପତିଙ୍କ ଲଗ୍ନଧରା ସମ୍ପନ୍ନ


ଗିରିଜାଶଙ୍କର ମହାଦେବଙ୍କ ମନ୍ଦିରରେ ଶୀତଳଷଷ୍ଠୀ ନିମନ୍ତେ ଲଗ୍ନଧରା ଯାଉଛି।

ପାଟଣା,୨୨।୫(ସ୍ୱ.ପ୍ର.): କେନ୍ଦୁଝର ଜିଲା ପାଟଣା ବ୍ଲକ୍ ତୁରୁମୁଙ୍ଗାସ୍ଥିତ ଗିରିଜାଶଙ୍କର ମହାଦେବଙ୍କ ଶୀତଳଷଷ୍ଠୀ ଉତ୍ସବ ପାଇଁ ସୋମବାର ଲଗ୍ନଧରା କାର୍ଯ୍ୟ ସମ୍ପନ୍ନ ହୋଇଛି। ଏଥିରେ କନ୍ୟା ଦେବୀ ପାର୍ବତୀଙ୍କ କର୍ତ୍ତା ଭାବରେ ତୁରୁମୁଙ୍ଗାର ସଞ୍ଜୟ କୁମାର ସାହୁ, ସ୍ତ୍ରୀ ନିହାରିକା ସାହୁ କାର୍ଯ୍ୟ ସମ୍ପାଦନ କରିଥିଲେ। ମହାଦେବଙ୍କ ପକ୍ଷରୁ କର୍ତ୍ତା ଭାବରେ ଅଞ୍ଜନ କୁମାର ସାହୁ, ସ୍ତ୍ରୀ ଗୀତାଞ୍ଜଳି ସାହୁ କାର୍ଯ୍ୟ ସମ୍ପାଦନ କରିଥିଲେ। ପୂଜକଭାବେ ଅରୁଣ କୁମାର ମିଶ୍ର ନୀତିକାନ୍ତି ଲଗ୍ନଧରା କାର୍ଯ୍ୟ ସମ୍ପନ୍ନ କରିଛନ୍ତି। ମନ୍ଦିର ସେବାୟତ ମଗୁଲୁ ନାଏକ ସହଯୋଗ କରିଥିଲେ। କାର୍ଯ୍ୟକ୍ରମରେ ଗିରିଜା ଶଙ୍କର ମନ୍ଦିର କମିଟିର ସମ୍ପାଦକ କ୍ଷେତ୍ର ମୋହନ ସାହୁ, ସୁଧାଂଶୁ ଶେଖର ସାହୁ, କେଦାର ନାଏକ, ରିକି ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଆସନ୍ତା ବୁଧବାର ରାତିରେ ଦେବ ଦମ୍ପତିଙ୍କ ବିବାହ କାର୍ଯ୍ୟ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହେବ। ଗୁରୁବାର ମାତା ପାର୍ବତୀ ଓ ମହାଦେବ ଗିରିଜାଶଙ୍କରଙ୍କ ନଗର ପରିକ୍ରମା ସହ ଶୀତଳଷଷ୍ଠୀ ଯାତ୍ରା ଅନୁଷ୍ଠିତ ହେବ ବୋଲି ମନ୍ଦିର କମିଟି ପକ୍ଷରୁ ସୂଚନା ଦିଆଯାଇଛି।

# ବାଥୁଡ଼ି ସାଂସ୍କୃତିକ ସମାଜର ସମାବେଶ ଶେଷ

ଉଦଳା,୨୨।୫(ଡି.ଏନ୍.ଏ.)


ବାଥୁଡି ସାଂସ୍କୃତି ସମାଜର କର୍ମକର୍ତ୍ତା।

ମୟୂରଭଞ୍ଜ ଜିଲା ଉଦଳା ବ୍ଲକ୍ ପାଟପୁର ଖେଳପଡ଼ିଆଠାରେ ଶନିବାର, ରବିବାର ଦୁଇଦିନିଆ ବାଥୁଡ଼ି ସାଂସ୍କୃତିକ ସମାଜର ସମାବେଶ ଉଦ୍‌ଯାପିତ ହୋଇଯାଇଛି। ସମାବେଶରେ ମୟୂରଭଞ୍ଜ, କେନ୍ଦୁଝର, ବାଲେଶ୍ୱର, ଝାଡ଼ଖଣ୍ଡ ରାଜ୍ୟରୁ ସମାଜର ପ୍ରତିନିଧିମାନେ ଯୋଗ ଦେଇଥିଲେ। ଶିମିଳିପାଳ ଅଭୟାରଣ୍ୟରେ ଅବସ୍ଥିତ ବାଥୁଡ଼ି ସାଂସ୍କୃତିକ ସମାଜର ଇଷ୍ଟଦେବ ବଡ଼ାମପୀଠର ଉନ୍ନତୀକରଣ, ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା ଏବଂ ଶ୍ରଦ୍ଧାଳୁମାନଙ୍କର ରହଣୀ ବ୍ୟବସ୍ଥା ଆଦି ଉପରେ ପ୍ରତିନିଧିମାନଙ୍କ ଦ୍ୱାରା ଆଲୋଚନା କରାଯାଇଥିଲା। ତାହାର ସମାଧାନ କରାଯାଇଥିବା ଉଦଳା ଶାଖାର ସଭାପତି ଦିବାକର ପଡ଼ିଆଲ ସୂଚନା ଦେଇଛନ୍ତି। ପୀଠରେ ଦୀର୍ଘ ବର୍ଷ ଧରି ପୂଜାର୍ଚ୍ଚନାକୁ ନେଇ ଦୁଇ ଗୋଷ୍ଠୀ ମଧ୍ୟରେ ବିବାଦ ଲାଗି ରହିଥିବାରୁ ବିଭିନ୍ନ ସମୟରେ ନୀତିକାନ୍ତି ଅନୁଯାୟୀ ପୂଜାର୍ଚ୍ଚନାରେ ବିଘ୍ନ ସୃଷ୍ଟି ହୋଇଥିଲା। ସମାବେଶରେ ତାହାର ସମାଧାନ କରାଯାଇଛି ବୋଲି ସମାଜ ପକ୍ଷରୁ କୁହାଯାଇଛି। ସମାବେଶରେ ପାରମ୍ପାରିକ ଚାଙ୍ଗୁ ନୃତ୍ୟ ସହିତ ସମାଜର ଭାଷା, ସାହିତ୍ୟ ଏବଂ ସଂସ୍କୃତିକୁ ବଜାୟ ରଖିବା ପାଇଁ ଆହ୍ୱାନ ଦେଇଥିଲେ। ସମାବେଶରେ ଉଦଳା ବିଧାୟକ ଭାସ୍କର ମଢ଼େଇ, ସମ୍ପାଦକ ସୂର୍ଯ୍ୟମଣୀ ଡାକୁଆ, ବିରେନ୍ଦ୍ର ମଢ଼େଇଙ୍କ ସମେତ ବାଥୁଡ଼ି ସାଂସ୍କୃତିକ ସମାଜର ପ୍ରତିଷ୍ଠାତା ଅକ୍ଷୟ ପାତ୍ର, ଭୁବନେଶ୍ୱର ସଭାପତି ଯୋଗେଶ୍ୱର ଦଳେଇ, ଉପଦେଷ୍ଟା ବ୍ରଜମୋହନ ନାଏକ, କଟକ ଶାଖାରୁ ମହେଶ୍ୱର ନାଏକ, ଅଖିଳ ଚନ୍ଦ୍ର ନାଏକଙ୍କ ସମେତ କେନ୍ଦୁଝର, ଝାଡ଼ଖଣ୍ଡର ବାଥୁଡ଼ି ସମାଜ ଶାଖା ସଦସ୍ୟ, ଉଦଳା ବ୍ଲକ୍ ଚେୟାରମ୍ୟାନ୍ ଓ ଅନ୍ୟ ସଦସ୍ୟମାନେ ଉପସ୍ଥିତ ରହିଥିଲେ।

# ଅଧା କାମ କରି ଛାଡ଼ିଦେଲେ

ଭଦ୍ରକ ଅଫିସ, ୨୨।୫ (ସ୍ୱ.ପ୍ର.)

### ସାତଭଉଣୀ-ଚୁଡ଼ାକୁଟି ରାସ୍ତା ମରଣଯନ୍ତା


ରାସ୍ତାରୁ ମେଟାଲ ଉଠିଯାଇଛି।

ଭଦ୍ରକ ବ୍ଲକର ସାତଭଉଣୀ-ଚୁଡ଼ାକୁଟି ରାସ୍ତା କାମ ଅଧାପନ୍ତରିଆ ହୋଇ ରହିଛି। ଫଳରେ ଏହି ରାସ୍ତା ଏବେ ମରଣଯନ୍ତା ପାଲଟିଛି। ରାସ୍ତାରୁ ମେଟାଲଗୁଡ଼ିକ ବାହାରିଯାଇଛି। ଦୁଇଚକିଆ କିମ୍ବା ଚାରିଚକିଆ ଯାନ ଯାତାୟାତ ବେଳେ ଚକ ମେଟାଲ ଉପରେ ଚଢ଼ିଲା ସମୟରେ ମେଟାଲ ଛିଟିକି ପାଖରେ ଛିଡ଼ା ହୋଇଥିବା ମଣିଷ ଲହୁଲୁହାଣ ହେଉଛନ୍ତି। ପ୍ରକାଶ ଯେ, ଉକ୍ତ ରାସ୍ତା କାର୍ଯ୍ୟର ଟେଣ୍ଡର ନେଇଥିବା ଠିକାଦାର ୨୦୨୧-୨୨ରୁ କାମ ଆରମ୍ଭ କରିଥିଲେ। ଏପର୍ଯ୍ୟନ୍ତ ପଚାଶ ଭାଗ କାର୍ଯ୍ୟ ସରିଛି। ଯେଉଁ କାର୍ଯ୍ୟ କରାଯାଇଛି, ତାହାକୁ ମଧ ଅଧିକାରୀ ଯାଞ୍ଚ କିମ୍ବା ତଦାରଖ କରୁ ନ ଥିବା ସାଧାରଣରେ ଅଭିଯୋଗ ହେଉଛି। ଗତବର୍ଷ କଂକ୍ରିଟ ରାସ୍ତା ଠିକ୍ ଭାବେ କରାଯାଇ ନାହିଁ। ବଳଭଦ୍ରପୁରଠାରୁ ଆରମ୍ଭ କରାଯାଇଥିବା ମେଟାଲ କାର୍ଯ୍ୟ ଦୁଇମାସରୁ ଅଧିକ ଦିନ ହେବାରୁ ଅନୁମୋଦିତ ମେଟାଲ ସୋଲିଙ୍ଗ ସ୍ତର ଏବେ ଆଉ ମାପକୁ ଆସିବ ନାହିଁ। ବିଳମ୍ବ ହେଲେ ମୂଳ ରାସ୍ତାର ଉପର ଅଂଶ ଦେଖାଯିବ। ବର୍ତ୍ତମାନ ମେଟାଲଗୁଡ଼ିକ ବାହାରିଯାଇ ଯିବାଆସିବାରେ ଅସୁବିଧା ସୃଷ୍ଟି କରୁଛି। ରାସ୍ତାର ଦୁରାବସ୍ଥା ନେଇ ଗ୍ରାମର ଜଗନ୍ନାଥ ରାୟ, ସାମାଜିକ କର୍ମୀ ନିତ୍ୟାନନ୍ଦ ବେହେରା, ସନାତନ ବେହେରା ଓ ମହେଶ୍ୱର ଲେଙ୍କା ଅସନ୍ତୋଷ ପ୍ରକାଶ କରିବା ସହ ବିଭାଗୀୟ ଅଧିକାରୀ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି କରିଛନ୍ତି। ଏ ସମ୍ପର୍କରେ ଗ୍ରାମ୍ୟ ଉନ୍ନୟନ ବିଭାଗ ସହ କାର୍ଯ୍ୟ ନିର୍ବାହୀ ଅଧିକାରୀ ଛବିଲାଲ ମାରାଣ୍ଡି କହିଛନ୍ତି, ୨୦୨୧ ଡିସେମ୍ବର ୧୭ରେ ଉକ୍ତ ରାସ୍ତା କାମ ଆରମ୍ଭ ହୋଇଥିଲା ବେଳେ ୨୦୨୨ ନଭେମ୍ବର ୧୬ରେ ଶେଷ ହେବା କଥା। ରାସ୍ତା କାମ ସମ୍ପୂର୍ଣ୍ଣ କରାଯାଇ ନ ଥିବାରୁ ଠିକାଦାରଙ୍କୁ ତାଗିଦା ସହ ଏ ବାବଦରେ ଉପରିସ୍ଥ ଅଧିକାରୀଙ୍କୁ ଅବଗତ କରାଯାଇଛି। ତେବେ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ନିଆଯିବ।

## ଟ୍ରକ୍ ଧକ୍କାରେ ବାଇକ୍ ଆରୋହୀ ଗୁରୁତର

ଯୋଡ଼ା,(ଡି.ଏନ୍.ଏ.): କେନ୍ଦୁଝର ଜିଲା ଯୋଡ଼ାସ୍ଥିତ ୫୨୦ ନମ୍ବର ଜାତୀୟ ରାଜପଥର ବିଲେଇପଦାଠାରେ ସୋମବାର ଏକ ଟ୍ରକ୍ ଧକ୍କାରେ ଜଣେ ବାଇକ ଆରୋହୀ ଗୁରୁତର ହୋଇଛନ୍ତି। ସେ ଯୋଡ଼ା ସହିଦନଗରର ସନୁ ସଏ ବୋଲି ଜଣାପଡ଼ିଛି। ତାଙ୍କ ବାମ ଗୋଡ଼ରେ ଗଭୀର ଆଘାତ ଲାଗିଛି। ତାଙ୍କୁ ଚିକିତ୍ସା ପାଇଁ ଅଗ୍ନିଶମ ବାହିନୀ ବାସୁଦେବପୁର ଗୋଷ୍ଠୀ ସାସ୍ଥ୍ୟକେନ୍ଦ୍ରକୁ ନେଇଥିଲା। ସେଠାରେ ପ୍ରାଥମିକ ଚିକିତ୍ସା ପରେ କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଛି। ଦୁର୍ଘଟଣା ଘଟାଇଥିବା ଟ୍ରକ୍‌କୁ ପୋଲିସ ଜବତ କରି ଘଟଣାର ତଦନ୍ତ ଆରମ୍ଭ କରିଛି।

## ସଂକ୍ଷେପରେ

### ଇଣ୍ଡିଆନ୍ ସ୍କୁଲ ସାର୍ଟିଫିକେଟ + ୨ ପରୀକ୍ଷା ଶୁଭଶ୍ରୀ ଜାତୀୟସ୍ତରରେ ଦ୍ୱିତୀୟ



କେନ୍ଦୁଝର,୨୨।୫(ଡି.ଏନ୍.ଏ.): କେନ୍ଦୁଝର ଜିଲା ସଦର ବ୍ଲକ୍ ଅନ୍ତର୍ଗତ ପଳାଶପଙ୍ଗା ଅଞ୍ଚଳର ପାଟୁଙ୍ଗ ଗ୍ରାମର ଶୁଭଶ୍ରୀ ସାହୁ ଇଣ୍ଡିଆନ୍ ସ୍କୁଲ ସାର୍ଟିଫିକେଟ(+୨) ପରୀକ୍ଷାରେ ୯୯.୫ ଶତକଡ଼ା ନମ୍ବର ରଖି ଜାତୀୟସ୍ତରରେ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ସେ ସୁଧିର ରଞ୍ଜନ ସାହୁ ଓ ଅନୀତା ସାହୁଙ୍କର କନ୍ୟା ଅଟନ୍ତି। ସେ କୋଲକାତାସ୍ଥିତ ଜିଡି ବିର୍ଲା ସେଣ୍ଟର ଫର୍ ଏଜୁକେଶନରେ ଅଧ୍ୟୟନ କରୁଥିଲେ। ଇଂରାଜୀରେ ୯୯, ଗଣିତରେ ୧୦୦, ପଦାର୍ଥ ବିଜ୍ଞାନରେ ୯୯, ରସାୟନ ବିଜ୍ଞାନରେ ୯୯ ଓ କମ୍ପ୍ୟୁଟର ସାଇନ୍ସରେ ୧୦୦ ନମ୍ବର ରଖିଛନ୍ତି।

### ଅଳିଆ ଗଦାରେ ନିଆଁ ଜଳିଗଲା ଲକ୍ଷାଧିକ ଟଙ୍କାର ପାଇପ୍

ନୀଳଗିରି, ୨୨।୫(ସ୍ୱ.ପ୍ର.)-ବାଲେଶ୍ୱର ଜିଲା ନୀଳଗିରି ବ୍ଲକ ତେଲିପାଳ ପଞ୍ଚାୟତ ଗୋହିରା ଗ୍ରାମରେ ଅଳିଆଗଦାରୁ ନିଆଁ ଲାଗି ଜଣେ ଠିକାଦାରଙ୍କ ଲକ୍ଷାଧିକ ଟଙ୍କାର ପାଇପ୍ ନଷ୍ଟ ହୋଇଛି। ଆର୍‌ଡବ୍ଲ୍ୟୁଏସ୍‌ଏସ୍‌ରେ ଠିକାଦାର କାମ କରୁଥିବା ଉକ୍ତ ଗ୍ରାମର ନୀନା ରାଉତ ନିଜ ଘରେ ଲକ୍ଷାଧିକ ଟଙ୍କାର ପାଇପ୍ ଜମା ରଖିଥିଲେ। ସୋମବାର କୌଣସି କାରଣରୁ ପାଖ ଅଳିଆଗଦାରେ ନିଆଁ ଲାଗିଯିବା ଫଳରେ ନିକଟରେ ଜମା ହୋଇଥିବା ପ୍ଲାଷ୍ଟିକ ପାଇପ୍‌ରେ ଲାଗିଯିବା ଫଳରେ ସମ୍ପୂର୍ଣ୍ଣ ପାଇପ ଜଳିପୋଡ଼ି ପାଉଁଶ ହୋଇଯାଇଛି। ପାଇପ୍ ଜଳିବା ଫଳରେ ଆଖପାଖ ଧୂଆଁମୟ ହୋଇଯିବା ଯୋଗୁ ଲୋକେ ଭୟଭୀତ ହୋଇଯାଇଥିଲେ। ଖବରପାଇ କପ୍ତିପଦା ଦମକଳବାହିନୀ ପହଞ୍ଚି ନିଆଁ ଲିଭାଇଥିଲେ।

### ୧ରୁ କାର୍ଯ୍ୟ ବନ୍ଦ ଆନ୍ଦୋଳନ

ଖଇରା, ୨୨।୫(ଡି.ଏନ୍.ଏ.)-ଜିଲା ମିଳିତ ଅମଲା ମଞ୍ଚର ଡାକରାରେ ବାଲେଶ୍ୱର ଜିଲା ଖଇରା ବ୍ଲକରେ କାର୍ଯ୍ୟରତ ସମସ୍ତ କନିଷ୍ଠ ଓ ବରିଷ୍ଠ ସହାୟକମାନେ ଦାବି ପୂରଣ କରା ନ ଯିବା ପ୍ରତିବାଦରେ ସୋମବାରଠାରୁ କଳାବ୍ୟାଜ୍ ପରିଧାନ କରିଛନ୍ତି । ଯଦି ସରକାର ସ୍ନାତକ ଯୋଗ୍ୟତା ଭିତ୍ତିରେ ଦରମା ପ୍ରଦାନ ନ କରନ୍ତି ତେବେ ସମସ୍ତ ଅମଲା ଆସନ୍ତା ଜୁନ୍ ୧ତାରିଖରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ କାର୍ଯ୍ୟବନ୍ଦ ଆନ୍ଦୋଳନରେ ସାମିଲ ହେବାକୁ ଚେତାବନୀ ଦେଇଛନ୍ତି। କାର୍ଯ୍ୟରତ ଅମଲା ଦୁଷ୍ମନ୍ତ କୁମାର ଦଳେଇ, ବିଜୟ କୁମାର ସାହୁ, ଦେବାଶିଷ ସାହୁ, ବ୍ରହ୍ମାନନ୍ଦ ଦାସ, ଅମୀୟ କୁମାର ବେହେରା, ଧନଞ୍ଜୟ ଜେନା, କମଳ କୁମାର ବାରିକ, ନିଗମ ନିକୁଞ୍ଜ ସେଠୀ, ହରିହର ଶିଅଳ, ରାକେଶ କୁମାର ବେଜ, ଗଗନ କୁମାର ଜେନା, ଶୁଭଶ୍ରୀ ପଣ୍ଡା, ଆନନ୍ଦ ପ୍ରସାଦ ବାରିକ ଓ ଅନ୍ୟମାନେ କଳାବ୍ୟାଜ ପରିଧାନ ପୂର୍ବକ ଖଇରା ବ୍ଲକ ସମ୍ମୁଖରେ ସକାଳ ୬ଟାରୁ ୬ଟା ୧୫ ପର୍ଯ୍ୟନ୍ତ ଏକାଠି ହୋଇ ପ୍ରତିବାଦ ଜଣାଇଥିଲେ।

# ଦୁଇ ରାଜ୍ୟ ମଧ୍ୟରେ ବାନ୍ଧିଛି ସମ୍ପର୍କର ସେତୁ

## ସୀମାନ୍ତରେ ମୈତ୍ରୀ ଉତ୍ସବ ଉଦ୍‌ଘାଟିତ

ଭୋଗରାଇ, ୨୨।୫ (ଡି. ଏନ. ଏ. )

ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ସୀମାନ୍ତ ମାନକୁଣ୍ଡା ହାଟ ଖେଳପଡିଆରେ ଓଡିଶା ଓ ପଶ୍ଚିମବଙ୍ଗ ମୈତ୍ରୀ ଉତ୍ସବ କମିଟି ପକ୍ଷରୁ ସୋମବାର ସନ୍ଧ୍ୟାରେ ମୈତ୍ରୀ ଉତ୍ସବ ଉଦ୍‌ଘାଟିତ ହୋଇଛି। ଏହି ଉତ୍ସବକୁ ରାଜସ୍ୱ ବିଭାଗର ଏଡିଏମ ସୁଚାରୁ ବଳ ଉଦ୍‌ଘାଟନ କରିଥିଲେ। ଉତ୍ସବ କମିଟି ସଭାପତି ତଥାଗତ ମିଶ୍ରଙ୍କ ସଭାପତିତ୍ୱରେ ପରିଚାଳିତ ଉତ୍ସବରେ ଛାତ୍ରୀଛାତ୍ରଙ୍କ ପକ୍ଷରୁ ସଙ୍ଗୀତ ଗାନ ପରେ ପଣ୍ଡିତ ଅମର ପଣ୍ଡା ମଙ୍ଗଳାଚରଣ କରିଥିଲେ। ଉତ୍ସବର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ଦେଇଥିଲେ କମିଟି ସଦସ୍ୟ ହରିପଦ ସାହୁ ଓ ପ୍ରଦୀପ କୁମାର ସେଠୀ। ମୁଖ୍ୟଅତିଥି ଭାବେ କାନ୍ଥି ମ୍ୟୁନିସିପାଲିଟି ଚେୟାରମ୍ୟାନ ସୁପ୍ରକାଶ ଗିରି, ମୁଖ୍ୟବକ୍ତା ରିତ୍ୱିକ କେଦାର ନାଥ ମହାନ୍ତି, ସମ୍ମାନନୀୟ ଅତିଥି ଭାବେ ପଶ୍ଚିମବଙ୍ଗର ଖାଲେଦ କାଜି, ଜିଲା ପରିଷଦ ସଦସ୍ୟ ସନ୍ତୋଷ କୁମାର ଜେନା, ରାମନଗରର ପୂର୍ବତନ ବ୍ଲକ ଚେୟାରମ୍ୟାନ ବିଦ୍ୟୁତ ଚୌଧୁରୀ, ସମିତିସଦସ୍ୟା ଅଞ୍ଜଳି ପାଢ଼ୀ, ସରପଞ୍ଚ ସଙ୍ଗୀତା ରାଣୀ ମହାନ୍ତି ପ୍ରମୁଖ ଓଡିଶା ସୀମାନ୍ତରେ ମୈତ୍ରୀ ଉତ୍ସବ ଦୁଇ ରାଜ୍ୟର ସମ୍ପର୍କ ସେତୁ ଅତୁଟ ଥିଲା, ରହିଛି ଓ ରହିଥିବ ବୋଲି ପ୍ରକାଶ କରିଥିଲେ। କମିଟି ସମ୍ପାଦକ ତପନ ପାଢ଼ୀ ଧନ୍ୟବାଦ ଦେବା ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ବିଳମ୍ବିତ ରାତି ପର୍ଯ୍ୟନ୍ତ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲା ।



ମୈତ୍ରୀ ଉତ୍ସବ ଉଦ୍‌ଘାଟନୀ ଉତ୍ସବରେ ମଞ୍ଚାସୀନ ଅତିଥି।

# ୧୨ ଘଣ୍ଟା ଡାକରା: ଗ୍ରୀଷ୍ମପ୍ରବାହ ଯୋଗୁ ୬ ଘଣ୍ଟା ବନ୍ଦ

ବାରିପଦା ଅଫିସ, ୨୨।୫

ରାଷ୍ଟ୍ରପତି ଓ ରାଜ୍ୟପାଳଙ୍କ ୩ ଦିନିଆ ମୟୂରଭଞ୍ଜ ଜିଲା ଗସ୍ତ ସମୟରେ ଜିଲା ପ୍ରଶାସନ ପକ୍ଷରୁ ହୋଇଥିବା ତ୍ରୁଟି ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବିରେ ଭାଜପା ପକ୍ଷରୁ ସୋମବାର ୧୨ ଘଣ୍ଟିଆ ହରତାଳ ଡାକରା ଦିଆଯାଇଥିଲା। ହେଲେ ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ସକାଳ ୬ଟାରୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ୬ ଘଣ୍ଟା ଜିଲାରେ ବନ୍ଦ ପାଳନ କରାଯାଇଥିଲା। ଜିଲା (ପୂର୍ବ) ସଭାପତି କାନ୍ଦରା ସୋରେନଙ୍କ ନେତୃତ୍ୱରେ କର୍ମୀମାନେ ବାରିପଦା ସହରରେ ପିକେଟିଂ କରି ଦୋକାନ, ବଜାର, ସରକାରୀ ବେସରକାରୀ କାର୍ଯ୍ୟାଳୟ, ବ୍ୟାଙ୍କ, ପେଟ୍ରୋଲ ପମ୍ପ, ରାଜପଥ ବନ୍ଦ କରିଥିଲେ। ତଦନ୍ତ ପୂର୍ବକ ଦୋଷୀ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି ହୋଇ ଆସୁଥିଲେ ମଧ୍ୟ ରାଜ୍ୟ ସରକାରଙ୍କ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ତେବେ ଏହି ହରତାଳରେ ସମସ୍ତ ଜନସାଧାରଣଙ୍କ ସମର୍ଥନ ଦେଖିବାକୁ ମିଳିଥିଲା ।


କୁଳିଅଣାଠାରେ ବନ୍ଦ ପାଳନ କରୁଛନ୍ତି ଭାଜପା କର୍ମକର୍ତ୍ତା।

ଗୋପବନ୍ଧୁ ନଗର/ଖୁଣ୍ଟା/ଉଦଳା/ ରାଇରଙ୍ଗପୁର/ଠାକୁରମୁଣ୍ଡା/ମୋରଡ଼ା/ କୁଳିଅଣା/ ବାଙ୍ଗିରିପୋଷି, ୨୨।୫ (ଡି.ଏନ୍.ଏ.)

ରାଷ୍ଟ୍ରପତିଙ୍କ ମୟୂରଭଞ୍ଜ ଗସ୍ତ ସମୟରେ ବିଦ୍ୟୁତ୍ ବିଭ୍ରାଟ ଘଟଣାକୁ ନେଇ ଭାଜପା ଓ ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ମିଳିତ ଭାବେ ମୟୂରଭଞ୍ଜ ବନ୍ଦ ପ୍ରଭାବ ଗୋପବନ୍ଧୁ ନଗର ଓ ଖୁଣ୍ଟା ବ୍ଲକ୍‌ରେ ଦେଖିବାକୁ ମିଳିଥିଲା। ଗୋପବନ୍ଧୁ ନଗର ବ୍ଲକ୍ ଭାଜପା ପକ୍ଷରୁ ସଭାପତି ପ୍ରଦୀପ ପୁଥାଳ ଓ ଯୁବମୋର୍ଚ୍ଚା ସଭାପତି ହିମାଂଶୁ ବେହେରାଙ୍କ ନେତୃତ୍ୱରେ କର୍ମୀମାନେ ପିକେଟିଂ କରି ବିଭିନ୍ନ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ, ଖୁଣ୍ଟା ବଜାରର ବିଭିନ୍ନ ବ୍ୟବସାୟିକ ପ୍ରତିଷ୍ଠାନ ବନ୍ଦ କରିଥିଲେ। ବନ୍ଦ ସମୟରେ କୌଣସି ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇ ନ ଥିବା ବେଳେ ଉଭୟ ବ୍ଲକରୁ ଶ୍ରୀଧର ବେହେରା, ଉମେଶ ସାହୁ, ଖୁଣ୍ଟା ବ୍ଲକ ଭାଜପା ମଣ୍ଡଳ ସଭାପତି ଜଟାଧାରୀ କର, ଅଶୋକ ବ୍ରହ୍ମା, ସଞ୍ଜୟ ମୁର୍ମୁ, ପ୍ରମୋଦ ସାହୁ, ରଞ୍ଜନ ମହୁଆଳ, ଅଙ୍କଜ ମହାପାତ୍ର, ବସନ୍ତ ମହାକୁଡ, କୁଆମରା ମଣ୍ଡଳ ସଭାପତି ଶାନ୍ତନୁ ମହୁଆଳ, ଗିରିଜା ଶଙ୍କର ବେହେରା, ଦିଲୀପ ଦାସ, କ୍ଷେତ୍ରମୋହନ ସିଂ ପ୍ରମୁଖ ନେତୃତ୍ୱ ନେଇଥିଲେ।

ଉଦଳା ନାଗରିକ ମଞ୍ଚ ଏବଂ ଭାଜପା ପକ୍ଷରୁ କପ୍ତିପଦା ଉପଖଣ୍ଡରେ ୬ ଘଣ୍ଟିଆ ହରତାଳ କରାଯାଇଛି। ଭାଜପା କର୍ମୀମାନେ ସରକାରୀ କାର୍ଯ୍ୟାଳୟ ବନ୍ଦ କରିଥିଲେ। ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ନିହାର ରଞ୍ଜନ ମୋଦୀ, କମଳ ଧଳ, କାଉନସିଲର ପ୍ରଭାତ ପରିଡା, ଏନ୍‌ଏସି ଚେୟାରମ୍ୟାନ ପ୍ରମିଳା ପଣ୍ଡା, ଧୀରେନ୍ଦ୍ର ଖଣ୍ଡେଲୱାଲଙ୍କ ସହ ବହୁ ଯୁବ ଭାଜପା କର୍ମୀ ହରତାଳରେ ସାମିଲ ଥିଲେ।

ରାଇରଙ୍ଗପୁରରେ ଭାଜପା ପକ୍ଷରୁ ହରତାଳରେ ବିଧାୟକ ନବ ଚରଣ ମାଝି, ବରିଷ୍ଠ ନେତା ମନୋରଞ୍ଜନ ମହାନ୍ତି, ନବୀନ ରାମ, ଯୁବନେତା ବିକାଶ ମହାନ୍ତ, ଆଲୋକ ମହାନ୍ତଙ୍କ ସହ ଶତାଧିକ କର୍ମୀ ଯୋଗ ଦେଇଥିଲେ।

କରଞ୍ଜିଆ ଓ ଠାକୁରମୁଣ୍ଡାରେ ଭାଜପାର କୃପାସିନ୍ଧୁ ମହାନ୍ତ, କରଞ୍ଜିଆ ନଗର ସଭାପତି ମହେଶ୍ୱର ସାହା, ଗ୍ରାମୀଣ ମଣ୍ଡଳ ସଭାପତି ଦେବେନ୍ଦ୍ର ମହାନ୍ତ, ତାଟୋ ମଣ୍ଡଳ ସଭାପତି ଆଶିଷ ପାଣିଗ୍ରାହୀ, ଜିଲା ସାଧାରଣ ସମ୍ପାଦକ ଆଶିଷ ମହାନ୍ତ, ତୁକାରାମ ମହାନ୍ତଙ୍କ ନେତୃତ୍ୱରେ କର୍ମୀମାନେ ପିକେଟିଂ କରିଥିଲେ। ଠାକୁରମୁଣ୍ଡା ମଣ୍ଡଳ ସଭାପତି ରଣଜିତ ବେହେରା, ମହୁଲଡ଼ିହା ମଣ୍ଡଳ ସଭାପତି ଜଗଦୀଶ ମହାନ୍ତ, ପୂର୍ବତନ ବିଧାୟକ ପଦ୍ମଚରଣ ହାଇବରୁ, ଯୋଗେନ୍ଦ୍ରନାଥ ମହାନ୍ତ, କୈଳାଶ ମହାନ୍ତ, ବିଛେନ୍ଦ୍ର ବେହେରା, ବିଜୟ ଲୁଗୁନ, ବବୁଲୁ ନାୟକ ସାମିଲ ହୋଇଥିଲେ।

ମୋରଡ଼ା ବ୍ଲକ୍‌ର ମୁଖ୍ୟ ଚିତ୍ରଡାବଜାର, ଶୀର୍ଷାପାଳ ଛକ, ବ୍ଲକ୍ ଛକ, ମୋରଡ଼ା ବଜାର, ନିଗୁଆପଦା, ବାରମାଇଲ ଆଦି ବିଭିନ୍ନ ସ୍ଥାନରେ ଅତ୍ୟାବଶ୍ୟକ ସାମଗ୍ରୀ ଦୋକାନକୁ ଛାଡ଼ି ସମସ୍ତ ଦୋକାନ ବଜାର, ଯାନବାହନ ଚଳାଚଳ, ବ୍ୟାଙ୍କି ସେବା, ସରକାରୀ ଅଫିସ ବନ୍ଦ ରହିଥିଲା।

କୁଳିଅଣା ବ୍ଲକ୍ ସଂସଦ ପ୍ରତିନିଧି ବିଶ୍ୱନାଥ ବସାଙ୍କ ସଭାପତିତ୍ୱରେ କୁଳିଅଣା ମଣ୍ଡଳର ନିହାର ରଞ୍ଜନ ନାଏକ, ସୁଶାନ୍ତ ବାରିକ, ସୌମ୍ୟ ରଞ୍ଜନ ବେହେରା, ଆଲୋକ ରଞ୍ଜନ ନାଏକ, ସୁମନ୍ତ ବେହେରା, ବରଜା କିଶୋର ପାଲବାବୁ, ଆନନ୍ଦଚନ୍ଦ୍ର ବେହେରା, ସଞ୍ଜୟ ବିନ୍ଧାଣୀ, ଗଣେଶ୍ୱର ବିନ୍ଧାଣୀ, ସିଦା ମୁର୍ମୁ ପ୍ରମୁଖ ଆନ୍ଦକୋଳନରେ ସାମିଲ ହୋଇଥିଲେ।

ବାଙ୍ଗିରିପୋଷିରେ ବିଜେପି ରାଷ୍ଟ୍ରୀୟ ସଦସ୍ୟ ସୁଗଦା ମୁର୍ମୁଙ୍କ ନେତୃତ୍ୱରେ ବାଙ୍ଗିରିପୋଷି ବଜାର ସମେତ ଜାତୀୟ ରାଜରାଜପଥ ୪୯କୁ ବିଜେପି କର୍ମୀମାନେ ଦୀର୍ଘ ୬ ଘଣ୍ଟା ଅବରୋଧ କରିଥିଲେ। ଏଥି ସହିତ ବ୍ଲକ୍, ତହସିଲ, ପଞ୍ଚାୟତ କାର୍ଯ୍ୟାଳୟ ସମ୍ପୂର୍ଣ୍ଣ ବନ୍ଦ ରହିଥିଲା।

# 'ବିଶ୍ୱବିଦ୍ୟାଳୟ ସ୍ଥାପନ ନ ହେବା ଯାଏ ସଂଗ୍ରାମ'


ବିଦ୍ୟାର୍ଥୀ ବିକାଶ ମଞ୍ଚର ଆଲୋଚନାଚକ୍ରରେ ବିଧାୟକ ସୂର୍ଯ୍ୟବଂଶୀ ସୂରଜ ଓ ଅନ୍ୟମାନେ।

ଭଦ୍ରକ ଅଫିସ,୨୨।୫

ଭଦ୍ରକରେ ବିଶ୍ୱବିଦ୍ୟାଳୟ ସ୍ଥାପନ ନେଇ ବାରମ୍ବାର ଦାବି ହୋଇଆସୁଛି। ହେଲେ ସରକାର ଏ ଦିଗରେ ଗୁରୁତ୍ୱ ଦେଉନାହାନ୍ତି। ବିଶ୍ୱବିଦ୍ୟାଳୟ ସ୍ଥାପନ ନ ହେବା ଯାଏ ସଂଗ୍ରାମ ଜାରି ରହିବ ବୋଲି ବିଦ୍ୟାର୍ଥୀ ବିକାଶ ମଞ୍ଚ ପକ୍ଷରୁ ଶହୀଦ ସ୍ମୃତି ଭବନରେ ଅନୁଷ୍ଠିତ ଆଲୋଚନାଚକ୍ରରେ କୁହାଯାଇଛି। ନିମନ୍ତ୍ରିତ ଏମ୍‌ପି ଓ ଅନ୍ୟ ବିଧାୟକମାନେ ଯୋଗଦେଇ ନ ଥିବା ବେଳେ ଧାମନଗର ବିଧାୟକ ସୂର୍ଯ୍ୟବଂଶୀ ସୂରଜ ଯୋଗଦେଇ ଏହି ଆନ୍ଦୋଳନକୁ ଜନଆନ୍ଦୋଳନରେ ପରିଣତ କରିବାକୁ ଆହ୍ୱାନ ଦେଇଥିଲେ। ବିଧାନସଭା ଭିତରେ ଓ ବାହାରେ ଆନ୍ଦୋଳନର ସ୍ୱରକୁ ଶାଣିତ କରିବା ସହ ନିଜେ ସବୁ କ୍ଷେତ୍ରରେ ସହଯୋଗ କରିବେ ବୋଲି ସେ ପ୍ରତିଶ୍ରୁତି ଦେଇଛନ୍ତି। ଶିକ୍ଷାବିତ୍ ପ୍ରଫେସର ଡ. ବ୍ରଜମୋହନ ମିଶ୍ର ଯୋଗଦେଇ କହିଥିଲେ, ପ୍ରଥମେ ଜିଲାବ୍ୟାପୀ, ପରେ ରାଜଧାନୀରେ ଛାତ୍ର ଓ ଜନଆନ୍ଦୋଳନ କରାଯିବ। ଏହାପରେ ମଧ୍ୟ ସରକାର ନ ଶୁଣିଲେ, ପୂର୍ବ ସୂଚନା ମୁତାବକ ଆତ୍ମାହୁତି ଦେବା ପାଇଁ ପଛାଇବୁ ନାହିଁ।

ଅନ୍ୟତମ ଅତିଥି ଭାବେ ପ୍ରଫେସର ଶୈଳେନ୍ଦ୍ର ମହାପାତ୍ର, ଡ. ରାଧାରାଣୀ ମହାପାତ୍ର, ମଞ୍ଚର ମୁଖ୍ୟ ଉପଦେଷ୍ଟା ପ୍ରଫେସର ଡ. ଦେବେନ୍ଦ୍ରନାଥ ରାଉତ, ପୂର୍ବତନ ବିଧାୟକ ନରେନ ପଲେଇ, ଡା. ରବୀନ୍ଦ୍ର କୁମାର ନାୟକ, ଶିକ୍ଷାବିତ୍ ସଂଗ୍ରାମ କେଶରୀ ମହାନ୍ତି, ଡା. ହରେକୃଷ୍ଣ ନାୟକ, ଆଇନଜୀବୀ ଗିରିଧାରୀ ନାଥ, ସୁଧାକର ରାଉତ, ଶାନ୍ତନୁ ରାଉତ, ବିପ୍ଳବ ହୋତା, କଂଗ୍ରେସ ନେତା ନଳିନୀ ମହାନ୍ତି, ସାମାଜିକ କର୍ମୀ ଜ୍ୟୋତିପ୍ରକାଶ ମହାନ୍ତି ପ୍ରମୁଖ ଆନ୍ଦୋଳନକୁ ବ୍ୟାପକ କରିବା ପାଇଁ ସମର୍ଥନ ଜଣାଇଥିଲେ। ମଞ୍ଚର ସଭାପତି ଲକ୍ଷ୍ମୀଧର ବିଶ୍ୱାଳ ସଭା ପରିଚାଳନା କରିଥିବା ବେଳେ ରୋଟାରିଆନ ଅଭିଜିତ ନାୟକ ଅତିଥି ପରିଚୟ ଓ ସମ୍ପାଦକ ସୁଦାମ ଭୂଇଁ ଧନ୍ୟବାଦ ପ୍ରଦାନ କରିଥିଲେ। ରକ୍ତ ଦେବା, ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ପାଇଁ ଶପଥ ନେବା କାର୍ଯ୍ୟକ୍ରମ ପରିପ୍ରେକ୍ଷୀରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ଅତିଥି ଭାବେ ଡା. ହରେକୃଷ୍ଣ ନାୟକ, ସଂଗ୍ରାମ କେଶରୀ ମହାନ୍ତି, ଅକ୍ଷୟ କୁମାର ଜେନା, ସୁରେନ୍ଦ୍ରପ୍ରସାଦ ଦାସ, ପୌରାଧକ୍ଷା ଗୁଲମକ୍କୀ ହବିବ, ଶୁଭେନ୍ଦୁ ରାୟ ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ।

## ଅବକାରୀ ଚଢ଼ାଉ, ୨ ଗିରଫ

ସୋର,୨୨।୫(ଡି.ଏନ.ଏ.)

ସୋର ଅବକାରୀ ଥାନା ତରଫରୁ ସୋମବାର ଅରଡ଼ା ଓ ଦୁର୍ଗାପୁର ଗ୍ରାମରେ ଚଢ଼ାଉ କରାଯାଇ ବିପୁଳ ପୋଚ ନଷ୍ଟ କରାଯିବା ସହିତ ଦେଶୀମଦ ଜବତ କରିଛି। ଏଥିରେ ସମ୍ପୃକ୍ତ ୨ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

ସୋର ଅବକାରୀ ଅଧିକାରୀ ସନ୍ତୋଷ ସ୍ୱାଇଁଙ୍କ ନେତୃତ୍ୱରେ ଏକ ଟିମ୍ ସୋମବାର ସକାଳେ ଅରଡ଼ା ଗ୍ରାମରେ ବେଆଇନ ଭାବେ ମଦ ପ୍ରସ୍ତୁତ କରୁଥିବା କମଳାକାନ୍ତ ମଲିକଙ୍କ ମଦଭାଟି ଉପରେ ଚଢ଼ାଉ କରି ୨ ହଜାର ଲିଟର ଗୁଡ଼ପୋଚ ନଷ୍ଟ କରିବା ସହିତ ୮୫ ଲିଟର ଦେଶୀମଦ ଜବତ କରି କମଳାକାନ୍ତଙ୍କୁ ଗିରଫ କରିଥିଲେ। ସେହିପରି ଦୁର୍ଗାପୁର ଗ୍ରାମରେ ଚଢ଼ାଉ କରି କମଳାକାନ୍ତ ମହାପାତ୍ରଙ୍କ ନିକଟରୁ ୩୫ ଲିଟର ଦେଶୀମଦ ଜବତ କରିବା ସହିତ ଉଭୟଙ୍କୁ ଗିରଫ କରିଥିଲେ। ଅପରାହ୍ନରେ ଉଭୟଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ପରେ କୋର୍ଟଚାଲାଣ କରାଯାଇଛି। ଚଢ଼ାଉରେ ଏଏସ୍‌ଆଇ ଉର୍ମିଳା ବେହେରା, ଶଶୀକାନ୍ତ ସାହୁ, ଗଣେଶ ସିଂ ଏବଂ ରଜନୀକାନ୍ତ ସାହୁ ପ୍ରମୁଖ ସାମିଲ ଥିଲେ।

# ପଞ୍ଚାୟତ ନିର୍ବାହୀ ଅଧିକାରୀ, ଗ୍ରାମ ରୋଜଗାର ସେବକଙ୍କ ବଦଳି ଦାବି


ଦାବିପତ୍ର ଦେବାକୁ ଆସିଥିବା ଗ୍ରାମବାସୀ।

କେନ୍ଦୁଝର,୨୨।୫(ସ୍ୱ.ପ୍ର.)

କେନ୍ଦୁଝର ଜିଲା ସଦର ବ୍ଲକ୍ ରାଇସୁଆଁ ପଞ୍ଚାୟତ ନିର୍ବାହୀ ଅଧିକାରୀ ଓ ଗ୍ରାମ ରୋଜଗାର ସେବକଙ୍କ ବଦଳି ଦାବି କରାଯାଇଛି। ସରପଞ୍ଚ ଅନନ୍ତ କୁମାର ଦେହୁରୀଙ୍କ ନେତୃତ୍ୱରେ ଗ୍ରାମବାସୀ ସୋମବାର ସଦର ବ୍ଲକ୍ ଉନ୍ନୟନ ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଲୋକଙ୍କ ସେବା ଓ ଉନ୍ନୟନ ମୂଳକ କାମରେ ଉକ୍ତ ଦୁଇ ଅଧିକାରୀ ସହଯୋଗ କରୁ ନ ଥିବା ସରପଞ୍ଚ ଅଭିଯୋଗ କରିଛନ୍ତି। ଫଳରେ କୌଣସି ଜନ କଲ୍ୟାଣ କାମ ହୋଇ ପାରୁନାହିଁ। ଏଣୁ ଲୋକଙ୍କ ଅସନ୍ତୋଷ ବଢ଼ୁଛି। ଆଗକୁ ଚାଷ କାର୍ଯ୍ୟ ଆରମ୍ଭ ହେବାକୁ ଥିବାରୁ ସେମାନଙ୍କୁ ବଦଳି କରା ନ ଗଲେ କାମକାର୍ଯ୍ୟ ବ୍ୟାହତ ହେବା ସହ ଅସନ୍ତୋଷ ବଢ଼ିବ ବୋଲି ଦାବିପତ୍ରରେ ଉଲ୍ଲେଖ କରାଯାଇଛି।

## ବିଶ୍ୱଶାନ୍ତି ମହାଯଜ୍ଞ ପାଇଁ କଳସ ଶୋଭାଯାତ୍ରା

ଲଙ୍ଗଳେଶ୍ୱର, ୨୨।୫(ଡି.ଏନ.ଏ.)

ବାଲିଆପାଳ ବ୍ଲକ ଲଙ୍ଗଳେଶ୍ୱର ଗ୍ରାମରେ ବିଶ୍ୱଶାନ୍ତି ମହାଯଜ୍ଞ ପାଇଁ ସୋମବାର ମହବଳା କୋଷ୍ଟ କେନାଲରୁ ଘଟ ଉତ୍ତୋଳନ କରାଯାଇଛି। ଏହିଅବସରରେ ୮ ଶହ ବିଶିଷ୍ଟ କଳସ ଶୋଭାଯାତ୍ରା ମହିଳାମାନେ ମହବଳାଠାରୁ ବାହାରି ଭରେଶ୍ୱର, ଗଞ୍ଜା, ଲଙ୍ଗଳେଶ୍ୱର ବଜାର ଦେଇ ଯଜ୍ଞ ମଣ୍ଡପଠାରେ ପହଞ୍ଚିଥିଲେ। ଏହି ଶୋଭାଯାତ୍ରାରେ ଅଞ୍ଚଳର ଶତାଧିକ ଶ୍ରଦ୍ଧାଳୁ ଯୋଗଦେଇଥିଲେ। ଏହି ଯଜ୍ଞ ୩ ଦିନ ଧରି ଚାଲିବ। ଶୋଭାଯାତ୍ରା ଓ ଯଜ୍ଞକୁ ଗ୍ରାମର ମୁଖ୍ୟ ଅକ୍ଷୟ ପାତ୍ର, ଉପସଭାପତି ମନୋରଞ୍ଜନ ଆଚାର୍ଯ୍ୟ, ରଞ୍ଜିତ ପାତ୍ର, ଜଗତଜୀବନ ଦାସ ଓ ବିମଳ କୁମାର ଦାସ ପ୍ରମୁଖ ପରିଚାଳନା କରିଥିଲେ।

## ଗୁଳିକାଣ୍ଡ ଘଟଣା: ଲୋକଙ୍କ ମାଡ଼ରେ ଗୁରୁତର ଯୁବକଙ୍କ ମୃତ୍ୟୁ

ରାଇରଙ୍ଗପୁର, ୨୨।୫(ଡି.ଏନ.ଏ.)

ମୟୂରଭଞ୍ଜ ଜିଲା ବହଳଦା ଥାନା ଅଧୀନ ବାଇପାସ୍ ଛକଠାରେ ୮ ଦିନ ତଳେ ଗୁଳିକାଣ୍ଡ ଘଟିଥିଲା। ଲୋକଙ୍କ ମାଡ଼ରେ ଗୁରୁତର ହୋଇଥିବା ଯୁବକଙ୍କ ଚିକିତ୍ସାଧୀନ ଅବସ୍ଥାରେ ରବିବାର କଟକ ବଡ଼ ଡାକ୍ତରଖାନାରେ ମୃତ୍ୟୁ ଘଟିଛି। ମୃତ ଯୁବକ ଝାଡ଼ଖଣ୍ଡର ଶ୍ୟାମ ବିରୁଆ। ପୋଲିସ ଏକ ହତ୍ୟା ମାମଲା (ନଂ. ୬୩/୨୩) ରୁଜୁ କରିଛି। ବହଳଦା ବାଇପାସ୍ ଛକ ପାର୍ଶ୍ୱ ବ୍ୟାଙ୍କ କର୍ମଚାରୀ ଗୌରବ ଦାସଙ୍କ ବାସଗୃହକୁ ଯାଇ ୩ ଜଣ ଦୁର୍ବୃତ୍ତ ପାଟିତୁଣ୍ଡ କରିଥିଲେ। ସେଠାରେ ଥିବା ଗୌରବଙ୍କ ସମ୍ପର୍କୀୟ କାର୍ତ୍ତିକ ସ୍ୱାଇଁଙ୍କ ସହ ଗଣ୍ଡଗୋଳ କରିଥିଲେ। ଘଟଣାସ୍ଥଳରେ ଶ୍ୟାମ ଗୌରବଙ୍କୁ ଗୁଳିମାଡ଼ କରିଥିଲେ। ଏଥିରେ ଗୌରବ ଗୁରୁତର ହୋଇଥିଲେ। ଶ୍ୟାମଙ୍କୁ କାବୁ କରି ଲୋକେ ନିସ୍ତୁକ ମାଡ଼ ମାରିବାରୁ ସେ ଗୁରୁତର ଆହତ ହୋଇଥିଲେ। ପୋଲିସ ପହଞ୍ଚି ଲୋକଙ୍କ କବଳରୁ ତାଙ୍କୁ ଉଦ୍ଧାର କରିଥିଲା। ଗୁଳିକାଣ୍ଡ ନେଇ ପୋଲିସ ମାମଲା (ନଂ.୬୦/୨୩) ରୁଜୁ କରିଥିଲା।

# ଦାବି ପୂରଣ ନ ହେଲେ ସମୂହ ଛୁଟି

ଧାମନଗର,୨୨।୫(ସ୍ୱ.ପ୍ର.)

ଭଦ୍ରକ ଜିଲାସ୍ତରୀୟ ମିଳିତ ଅମଲା ମଞ୍ଚ ପକ୍ଷରୁ ଦରମା ବୃଦ୍ଧି ଦାବି ନେଇ ପୂର୍ବରୁ ମୁଖ୍ୟମନ୍ତ୍ରୀ ଓ ମୁଖ୍ୟ ଶାସନ ସଚିବଙ୍କୁ ଦାବିପତ୍ର ଦିଆଯାଇଥିଲା। ସରକାର କୌଣସି ପଦକ୍ଷେପ ନ ନେବାରୁ ସୋମବାରଠାରୁ ଧାମନଗର ତହସିଲ ଓ ବ୍ଲକରେ କାର୍ଯ୍ୟରତ ଅମଲାମାନେ କଳାବ୍ୟାଜ୍ ପରିଧାନ କରି କାର୍ଯ୍ୟ କରୁଛନ୍ତି। ଆସନ୍ତା ୩୧ ତାରିଖ ପର୍ଯ୍ୟନ୍ତ ଏଭଳି ଜାରି ରହିବ।

ଜିଲାରେ ବିଭିନ୍ନ ବିଭାଗରେ କାର୍ଯ୍ୟରତ ଅମଲାମାନଙ୍କର ଏକମାତ୍ର ଦାବି ସ୍ନାତକ ଶିକ୍ଷାଗତ ଯୋଗ୍ୟତା ଭିତ୍ତିରେ ଜିଲାସ୍ତରୀୟ କନିଷ୍ଠ ଅମଲାମାନଙ୍କର ମୂଳ ଦରମା ୯୩୦୦ ଟଙ୍କା ସହ ଗ୍ରେଡ୍ ପେ ୪୨୦୦ ଟଙ୍କା ବା ଲେଭଲ-୯ ଅନୁଯାୟୀ ଦରମା ପ୍ରଦାନ କରାଯାଉ। ମେ ୩୧ ସୁଦ୍ଧା ସରକାର କୌଣସି କର୍ଣ୍ଣପାତ ନ କଲେ ଜୁନ୍ ୧ରୁ ଜିଲାର ସମସ୍ତ ଅମଲା ସମୂହ ଛୁଟିରେ ରହିବେ ବୋଲି ମଞ୍ଚର ଆବାହକ ହେମନ୍ତ କୁମାର ପ୍ରଧାନ, ସାଧାରଣ ସମ୍ପାଦକ ସରୋଜ କୁମାର ମଲ୍ଲିକ, ଅଧକ୍ଷ ଉଦୟ ନାରାୟଣ ପଣ୍ଡା, ସଭାପତି ଲଲାଟେନ୍ଦୁ ବେହେରା ପ୍ରମୁଖ କହିଛନ୍ତି।


କଳାବ୍ୟାଜ୍ ପରିଧାନ କରିଥିବା ଅମଲା ସଂଘର କର୍ମକର୍ତ୍ତା।

# କଳାବ୍ୟାଜ୍ ପିନ୍ଧି କାମକଲେ ଅମଲା


ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଅମଲା ସଂଘର ସଦସ୍ୟମାନେ।

କେନ୍ଦୁଝର/ପାଟଣା/ଝୁମ୍ପୁରା/ଚମ୍ପୁଆ, ୨୨।୫(ସ୍ୱ.ପ୍ର./ଡି.ଏନ୍.ଏ.)

କେନ୍ଦୁଝର ଜିଲାରେ ମିଳିତ ଅମଲା ମଞ୍ଚ ପକ୍ଷରୁ ସୋମବାର କଳାବ୍ୟାଜ୍ ପିନ୍ଧି କାମ କରୁଛନ୍ତି। ଶିକ୍ଷାଗତ ଯୋଗ୍ୟତା ଗ୍ରାଜୁଏସନ ସହ କମ୍ପ୍ୟୁଟର ଜ୍ଞାନ ଥିବା କର୍ମଚାରୀଙ୍କ ୪୨ଶହ ଗ୍ରେଡ୍ ପେ (ଲେବଲ ୯) ଦାବିରେ ଦୀର୍ଘ ବର୍ଷ ହେଲା ଦାବିପତ୍ର ପ୍ରଦାନ କରାଯାଇ ଚେତାବନୀ ଦିଆଯାଇଥିଲା। ଦାବିପୂରଣ ନ ହେଲେ ଜୁନ୍ ୧ରୁ ରାଜ୍ୟର ସମସ୍ତ ଅମଲା ସମୂହ ଛୁଟିରେ ଯିବାକୁ ଚେତାବନୀ ଦେଇଛନ୍ତି। ସେହିପରି ଜିଲାସ୍ତରୀୟ ମିଳିତ ଅମଲା ମଞ୍ଚର ଆହ୍ୱାନ କ୍ରମେ ପାଟଣା ଓ ସାହାରପଡ଼ା ବ୍ଲକ୍‌ର ଅମଲାମାନେ ସୋମବାରଠାରୁ ମେ ୩୧ ପର୍ଯ୍ୟନ୍ତ କଳାବ୍ୟାଜ୍ ପରିଧାନ କରି ପ୍ରତୀକାତ୍ମକ ଆନ୍ଦୋଳନ କରିବେ। ନିର୍ଦ୍ଧାରିତ ସମୟ ମଧ୍ୟରେ ଦାବି ପୂରଣ ନ ହେଲେ ୧ ଜୁନ୍‌ରୁ ସାମୁହିକ ଛୁଟିରେ ରହିବେ ବୋଲି ରାଜ୍ୟ ମୁଖ୍ୟ ଶାସନ ସଚିବଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଏଥିରେ ତହସିଲ, ବ୍ଲକ୍, ବିଇଓ ଅଫିସ, ଆଇସିଡିଏସ, ହାଇସ୍କୁଲ ସହ ସମସ୍ତ ଅମଲାମାନେ ସାମିଲ ହୋଇଛନ୍ତି। ସେହିପରି ୯ ଦଫା ଦାବି ପୂରଣ ନେଇ ଝୁମ୍ପୁରା ବ୍ଲକ୍ ଓ ତହସିଲରେ ଅମଲାମାନେ କଳାବ୍ୟାଜ୍ ପରିଧାନ କରି କାର୍ଯ୍ୟ କରିଥିଲେ। ଦାବି ମଧ୍ୟରେ ଅମଲାମାନଙ୍କର ଗ୍ରେଡ୍ ପେ ଦାବି ମୁତାବକ ପୂରଣ କରିବା। ରାଜ୍ୟ ସରକାର ମିଳିତ ଅମଲା ମଞ୍ଚର ଦାବି ନ ଶୁଣିଲେ ଜୁନ୍ ୧ ଠାରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ସମୂହ ଛୁଟିରେ ରହିବେ ବୋଲି ମିଳିତ ଅମଲା ମଞ୍ଚର କେନ୍ଦୁଝର ଜିଲା ଅଧକ୍ଷ ସୁରେଶ ଚନ୍ଦ୍ର ରଣା ସୂଚନା ଦେଇଛନ୍ତି। ସେହିପରି ଜିଲାସ୍ତରୀୟ ମିଳିତ ଅମଲା ସଂଘ ଡାକରାରେ ଚମ୍ପୁଆର ସମସ୍ତ ସରକାରୀ କାର୍ଯ୍ୟାଳୟମାନଙ୍କରେ କାର୍ଯ୍ୟରତ ଅମଲା କଳାବ୍ୟାଜ୍ ପରିଧାନ କରି ଆନ୍ଦୋଳନକୁ ଓହ୍ଲାଇଛନ୍ତି। ଆନ୍ଦୋଳନକୁ ସଫଳ କରିବାକୁ ଜିଲା ମିଳିତ ଅମଲା ମଞ୍ଚର ଆବାହକ ପ୍ରସନ୍ନ କୁମାର ବେହେରା, ଅଧକ୍ଷ ସୁରେସ୍ ଚନ୍ଦ୍ର ଘଣା ଅନୁରୋଧ କରିଛନ୍ତି।

### ଗ୍ରେଡ୍ ପେ ବୃଦ୍ଧି ଦାବିରେ ଆନ୍ଦୋଳନ

## ଠାକୁର ଅନୁକୂଳ ଚନ୍ଦ୍ରଙ୍କ ସତ୍‌ସଙ୍ଗରେ ଯୋଗଦେବେ ରାଜ୍ୟପାଳ

ଜଳେଶ୍ୱର, ୨୨।୫(ଡି.ଏନ.ଏ.

ଆସନ୍ତା ୨୪ ତାରିଖରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍ ଜଳେଶ୍ୱରର ୮୫ବର୍ଷର ବିଦ୍ୟାଳୟ ବିଶ୍ୱନାଥ ଏକାଡେମୀର ପ୍ଲାଟିନମ୍ ଜୁବୁଲିରେ ଯୋଗଦେବା ପରେ ସତ୍‌ସଙ୍ଗ ବିହାରସ୍ଥିତ ଠାକୁର ଅନୁକୂଳଚନ୍ଦ୍ରଙ୍କ ମନ୍ଦିରରେ ସାମାଜିକ, ଆଧ୍ୟାତ୍ମିକ, ସାଂସ୍କୃତିକ ସମାବେଶ ଓ ସତ୍‌ସଙ୍ଗ କାର୍ଯ୍ୟକ୍ରମରେ ଯୋଗ ଦେବେ ବୋଲି ମନ୍ଦିର କମିଟି ପକ୍ଷରୁ ଖବରଦାତା ସମ୍ମିଳନୀରେ କୁହାଯାଇଛି। ତାଙ୍କ ସହ ସମ୍ମାନନୀୟ ଅତିଥି ଭାବେ ସଂସ୍କୃତିମନ୍ତ୍ରୀ ଅଶ୍ୱନୀ କୁମାର ପାତ୍ର ଓ ଖଣ୍ଡପଡା ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ଖବରଦାତା ସମ୍ମିଳନୀରେ ମନ୍ଦିର ପରିଚାଳନା କମିଟି ମୁଖ୍ୟ କେଦାରନାଥ ମହାନ୍ତି, ପରିମଳ ରଞ୍ଜନ ଭୂୟାଁ, ରାସବିହାରୀ ଚକ୍ରବର୍ତ୍ତୀ, ଗଣେଶଚନ୍ଦ୍ର ଜେନା, ମୁରଲୀଧର ଦାସ, ଶ୍ରୀମନ୍ତ କୁମାର ଘୋଷ, ଶାନ୍ତନୁ କୁମାର ଜେନା, ଶାନ୍ତନୁ କୁମାର ସେନାପତି, ଗୋପାଳ ଚନ୍ଦ୍ର ସେନାପତି, ହରିପଦ କର, ସୁବ୍ରତ କୁମାର ଘୋଷ, ଭୁବନାନନ୍ଦ ରାଉତ, ସନ୍ତୋଷ କୁମାର ଜେନା, ଲକ୍ଷ୍ମୀନାରାୟଣ ଶତପଥି, ସୁବ୍ରତ କୁମାର ଜେନା, ମଳୟ ସୁନ୍ଦର କର ଓ ଜଳନ୍ଧର ସାହୁ ପ୍ରମୁଖ ଯୋଗ ଦେଇ ସୂଚନା ଦେଇଥିଲେ ।

## ଜେସିବି, ଟ୍ରାକ୍ଟର ଜବତ

ପାଟଣା,(ସ୍ୱ.ପ୍ର.): କେନ୍ଦୁଝର ଜିଲା ସାହାରପଡ଼ା ତହସିଲ ଅନ୍ତର୍ଗତ ଦେଉଳିଆ ପଶି ନିକଟରେ ସୋମବାର ବେଆଇନ ଭାବରେ ଏକ ପୋଖରୀ ଖନନ କରୁଥିବା ଜେସିବି ଓ ଟ୍ରାକ୍ଟରକୁ ସାହାରପଡ଼ା ତହସିଲ ପକ୍ଷରୁ ଜବତ କରାଯାଇଛି। ତହସିଲଦାର ବାବୁଲୁ ପେରେଇଙ୍କ ନେତୃତ୍ୱରେ ଚଢ଼ାଉ ହୋଇଥିବା ବେଳେ ଟ୍ରାକ୍ଟର ମାଲିକଙ୍କଠାରୁ ୧୦ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଥିବା ବେଳେ ଜେସିବିକୁ ଫାଣ୍ଡିରେ ରଖା ଯାଇଥିବା ତହସିଲଦାର କହିଛନ୍ତି।

## ସଂକ୍ଷେପରେ

### କାଳବୈଶାଖୀ: ଭାଙ୍ଗିଲା ତହସିଲ ଅଫିସ୍ ପାଚେରି

ଉଦଳା, ୨୨।୫ (ଡି.ଏନ.ଏ.)- କାଳବୈଶାଖୀ ପ୍ରଭାବରେ ରବିବାର ଅପରାହ୍ଣରେ ଝଡ଼ବର୍ଷାରେ ଉଦଳା ଏନ୍ଏସି ଓ ବ୍ଲକ ଅଞ୍ଚଳରେ ବ୍ୟାପକ କ୍ଷୟକ୍ଷତି ଘଟିଛି। ବ୍ଲକ ଅଞ୍ଚଳରେ ବଡସିଙ୍ଗାରିଆ ପଞ୍ଚାୟତର ନୂଆସାହି, ଟଣକାସାହି, ଖଲାଡି, ବଡସିଙ୍ଗାରିଆ ଗ୍ରାମରେ ବହୁ ଛପର ଏବଂ ଆଜବେଷ୍ଟସ ଘର ଭାଙ୍ଗି ଯାଇଥିବା ବେଳେ ବିଭିନ୍ନ ସ୍ଥାନରେ ବହୁ ବଡ଼ ଗଛ ଉପୁଡ଼ି ଯାଇଛି। ଉଦଳା ତହସିଲ ଅଫିସ୍ର ମୁଖ୍ୟ ଫାଟକର ପାଚେରି ସମ୍ପୂର୍ଣ୍ଣ ଭାବେ ଭାଙ୍ଗିଯାଇଛି। ତେବେ ଚାଳ ଛପର ଉଡ଼ିଯାଇଥିବା ନେଇ ତହସିଲ ଏବଂ ଆର୍ଆଇଙ୍କ ନିକଟରେ ଅଭିଯୋଗ ହୋଇଥିବା ବେଳେ ତୁରନ୍ତ ତଦନ୍ତ କରି କ୍ଷତିପୂରଣ ଦିଆଯିବ ବୋଲି ଅତିରିକ୍ତ ତହସିଲଦାର ପ୍ରିୟରଞ୍ଜନ ଜେନା କହିଛନ୍ତି।

### ଯୋଗଦେଲେ ନୂତନ ବିଡିଓ

ମୋରଡ଼ା,୨୨।୫(ଡି.ଏନ୍.ଏ.): ମୟୂରଭଞ୍ଜ ଜିଲା ମୋରଡ଼ା ବ୍ଲକ୍ରେ ନୂତନ ଗୋଷ୍ଠୀ ଉନ୍ନୟନ ଅଧିକାରୀ (ବିଡିଓ) ଭାବେ ଜୟକୃଷ୍ଣ ପାତ୍ର ଚିତ୍ରଡ଼ାସ୍ଥିତ ବ୍ଲକ୍ କାର୍ଯ୍ୟାଳୟରେ ଯୋଗଦାନ କରିଛନ୍ତି। ସେ ମୋରଡ଼ା ବିଡିଓ ସାଗର ପାଲୋଙ୍କଠାରୁ ଦାୟିତ୍ୱ ଗ୍ରହଣ କରିଥିଲେ। ଜୟକୃଷ୍ଣ ପୂର୍ବରୁ ବରଗଡ଼ ଜିଲା ଅତାବିରା ପୌରପରିଷଦର ନିର୍ବାହୀ ଅଧିକାରୀଭାବେ ଦାୟିତ୍ୱ ତୁଲାଉଥିଲେ। ଏଥିସହ ମୟୂରଭଞ୍ଜ ଜିଲାର ବିଭିନ୍ନ ବ୍ଲକ୍ ଓ ତହସିଲରେ ବିଡିଓ ଏବଂ ତହସିଲଦାର ଭାବେ କାର୍ଯ୍ୟ କରିଥିଲେ।

### ସବ୍ଡିଭିଜନ ଘୋଷଣା ଦାବି: ୮ ଘଣ୍ଟା ଜଳେଶ୍ୱର ବନ୍ଦ

ଜଳେଶ୍ୱର, ୨୨।୫(ଡି.ଏନ୍.ଏ.): ଜଳେଶ୍ୱରକୁ ସବ୍ଡିଭିଜନ ଘୋଷଣା ଦାବିରେ ୮ ଘଣ୍ଟିଆ ବନ୍ଦ ପାଳନ କରାଯାଇଛି। ସଚେତନ ଯୁବଛାତ୍ରଙ୍କ ନେତୃତ୍ୱରେ ଗତ କିଛିମାସ ଧରି ଜଳେଶ୍ୱରରୁ ସବ୍ଡିଭିଜନ ଘୋଷଣା ପାଇଁ ଦାବି ହୋଇଆସୁଥିଲା। ୪ଟି ବ୍ଲକର ୧୦ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କ ଦସ୍ତଖତ ସମ୍ବଳିତ ଦାବିପତ୍ର ତହସିଲଦାରଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ପ୍ରଦାନ କରାଯାଇଥିଲା। ଜଳେଶ୍ୱର, ଭୋଗରାଇ, ବାଲିଆପାଳ, ବସ୍ତାର ବିଭିନ୍ନ ସ୍ଥାନରେ ସଚେତନତା ସଭା ହୋଇ ଏଥିଲାଗି ଜନମତ ସୃଷ୍ଟି କରାଯାଇଥିଲା। ଶେଷରେ ଜଳେଶ୍ୱର ବନ୍ଦ ନିଷ୍ପତ୍ତି ଡାକରା ଯୋଗୁ ଜଳେଶ୍ୱର ସହରର ଷ୍ଟେଶନ ଛକ, ହାଟଛକ, ବଡବଜାର ଛକ, ତହସିଲ ଛକ, ବ୍ଲକବଜାର ଛକ, ହସ୍ପିଟାଲ ଛକଠାରେ ଆନ୍ଦୋଳନକାରୀଙ୍କ ପକ୍ଷରୁ ରାସ୍ତା ଅବରୋଧ କରାଯାଇଥିଲା। ଯାନବାହନ ଚଳାଚଳ ଠପ୍ ହୋଇଯାଇଥିବା ବେଳେ ଏହି ବନ୍ଦରେ ବାଇକ୍ ଚଳାଚଳକୁ ଆନ୍ଦୋଳନକାରୀମାନେ ବାଧା ଦେଇଥିଲେ। ସକାଳ ୭ଟାରୁ ସଙ୍ଗଠନ ପକ୍ଷରୁ ପିକେଟିଂ ଆରମ୍ଭ ହୋଇଥିଲା। ଫଳରେ ସମସ୍ତ ବ୍ୟବସାୟ ପ୍ରତିଷ୍ଠାନ, କାର୍ଯ୍ୟାଳୟ ବନ୍ଦ ହୋଇଯାଇଥିଲା। ଏପରିକି ଜଳେଶ୍ୱରର ସର୍ବବୃହତ ସାପ୍ତାହିକ ହାଟ ସମ୍ପୂର୍ଣ୍ଣ ଠପ୍ ହୋଇଯାଇଥିଲା। ସଙ୍ଗଠନ ପକ୍ଷରୁ କାଳିଚରଣ ଦାସ, ସତ୍ୟଶୋଭନ ମିଶ୍ର, ରାସବିହାରୀ ରଣା, ଚନ୍ଦନ କର ଓ ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ବ୍ରଜମୋହନ ପ୍ରଧାନଙ୍କ ନେତୃତ୍ୱରେ ବହୁ ବ୍ୟକ୍ତି ବନ୍ଦ ଡାକରରେ ସାମିଲ ଥିଲେ।

# ଜୁନ୍ ୫ରୁ ସଂଘ କାର୍ଯ୍ୟାଳୟରେ ତାଲା

### ନିର୍ବାଚନ ବିବାଦ ନେଇ କେନ୍ଦୁଝର ଟ୍ରକ୍ ମାଲିକ ସଂଘର ଚେତାବନୀ

ଘଟଗାଁ,୨୨।୫(ଡି.ଏନ୍.ଏ.)

କେନ୍ଦୁଝର ଜିଲା ଟ୍ରକ୍ ମାଲିକ ସଂଘ ନିର୍ବାଚନରେ ଅହେତୁକ ବିଳମ୍ବକୁ ନେଇ ସାଧାରଣ ଟ୍ରକ୍ ମାଲିକଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇଛି। ଏ ନେଇ ସଂଘ କାର୍ଯ୍ୟାଳୟ ତାଲା ପକାଇବାକୁ ଅସନ୍ତୁଷ୍ଟ ଟ୍ରକ୍ ମାଲିକମାନେ କହିଛନ୍ତି। ସୋମବାର ଶତାଧିକ ମାଲିକ ଘଟଗାଁ ମା' ତାରିଣୀଙ୍କ ପୀଠରେ ଏକ ସମାବେଶରେ ଉପସ୍ଥିତ ହୋଇ ବେଆଇନ ଭାବେ ଗାଦି ମାଡ଼ି ବସିଥିବା କର୍ମକର୍ତ୍ତାଙ୍କ କବଳରୁ ସଂଘକୁ ମୁକ୍ତ କରିବାକୁ ଜୁନ ୫ରୁ ଆନ୍ଦୋଳନ ଆରମ୍ଭ କରିବାକୁ ନିଷ୍ପତ୍ତି ନେଇଛନ୍ତି।

ପୂର୍ବତନ ସଂଘ ସମ୍ପାଦକ ପ୍ରଦୀପ ବାରିକଙ୍କ ସଭାପତିତ୍ୱରେ ସଂଘର କର୍ମକର୍ତ୍ତା ସଞ୍ଜୟ ସିଂହ, ରୁଦ୍ର ନାରାୟଣ ମିଶ୍ର, ପଦ୍ମଲୋଚନ ସାହୁ, ଭଗବାନ ସାହୁ, ରଞ୍ଜନ ବିଶ୍ୱାଳ, ଜିତେନ୍ଦ୍ର ପତି, ପୂର୍ବତନ ସଂଘ କର୍ମକର୍ତ୍ତା ରାମଚନ୍ଦ୍ର ଭୂୟାଁ, ନିହାର ଦାସ, ଦିଲ୍ଲୀପ ବଳ, ପୂର୍ଣ୍ଣଚନ୍ଦ୍ର ସାହୁ, ପ୍ରଭାତ ରାଉତ, ସରୋଜ ନାୟକ, ସୁରେଶ ସାହୁ, ରାଜେନ୍ଦ୍ର ପଟ୍ଟନାୟକ, ଅୟସକାନ୍ତ ପଟ୍ଟନାୟକ, ପୂର୍ଣ୍ଣଚନ୍ଦ୍ର ବାରିକ, ଜନାର୍ଦ୍ଦନ ସାହୁ ପ୍ରମୁଖ ବୈଠକରେ ଅଂଶଗ୍ରହଣ କରିଥିଲେ। ବର୍ତ୍ତମାନ ଲୁହାପଥର ପରିବହନରେ ମାନ୍ଦାବସ୍ଥା ଚାଲିଥିବା ବେଳେ ଟ୍ରକ୍ ମାଲିକଙ୍କ ଜୀବନ ଓ ଜୀବିକା ସଙ୍କଟାପନ୍ନ ହୋଇଯାଇଛି। ଏପରି ସମୟରେ ଜିଲା ମାଲିକ ସଂଘର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିବା କଥା। କିନ୍ତୁ ସଂଘର ସଭାପତି ଓ ସମ୍ପାଦକଙ୍କ ସମେତ ମୁଷ୍ଟିମେୟ କର୍ମକର୍ତ୍ତା ସଂଘ କାର୍ଯ୍ୟାଳୟକୁ ବେଆଇନ ଭାବରେ ଦଖଲ କରି ମନଇଚ୍ଛା ଆର୍ଥିକ କାରବାର ଚଳାଇଛନ୍ତି। ୯ ମାସ ହେବ ନିର୍ବାଚିତ କର୍ମକର୍ତ୍ତାଙ୍କ କାର୍ଯ୍ୟକାଳ ଶେଷ ହୋଇଥିଲେ ମଧ୍ୟ ନିର୍ବାଚନ ପ୍ରକ୍ରିୟା ଆରମ୍ଭ କରୁନାହାନ୍ତି। ଏ ନେଇ ଆସନ୍ତା ଜୁନ୍ ୫ରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଆନ୍ଦୋଳନ କରାଯିବା ସହିତ ସଂଘ କାର୍ଯ୍ୟାଳୟରେ ତାଲା ପକାଇବାକୁ ବୈଠକରେ ନିଷ୍ପତ୍ତି ହୋଇଛି। ବିଭୂତି ଗିରି, ବଳଭଦ୍ର ଗିରି, ରମେଶ ବଳ, ପ୍ରବୀର ସାହୁ, ବାବୁଲି ସାହୁ, ଅଜୟ ମହାନ୍ତି, ଅଭିମନ୍ୟୁ ବେହେରା ବୈଠକ ପରିଚାଳନା କରିଥିଲେ।

ଉଲ୍ଲେଖଯୋଗ୍ୟ, ନିର୍ବାଚନ ବିଳମ୍ବକୁ ନେଇ କିଛି ଦିନ ତଳେ ୧୧ ଜଣ ମାଲିକ ନ୍ୟାୟ ପାଇଁ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟ ମାମଲାର ବିଚାର ନିମନ୍ତେ ଗ୍ରହଣ କରି ୭ ଜଣଙ୍କୁ ନୋଟିସ୍ ଜାରି କରିବା ସହିତ ଜୁନ୍ ୨୬ରେ ଶୁଣାଣି କରିବାକୁ ସ୍ଥିର କରାଯାଇଛି।

# ପାରମ୍ପରିକ ଲୋକନୃତ୍ୟରେ ଦୁଲୁକିଲା ମଞ୍ଚ


ଆଦିବାସୀଙ୍କ ଦ୍ୱାରା ପରିବେଷିତ ଲୋକନୃତ୍ୟ।

### ଆଦିବାସୀ ମହୋତ୍ସବ ଉଦ୍ଯାପିତ

ବଡ଼ବିଲ,୨୨।୫(ସ୍ୱ.ପ୍ର.)

କେନ୍ଦୁଝର ଜିଲା ବଡ଼ବିଲସ୍ଥିତ ଉତ୍ସବ ପଡ଼ିଆରେ ୩ ଦିନ ଧରି ଚାଲିଥିବା ଜାତୀୟସ୍ତରୀୟ ଆଦିବାସୀ ମହୋତ୍ସବ ରବିବାର ଉଦ୍ଯାପିତ ହୋଇଯାଇଛି। ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ ଲୋକଙ୍କ ମନ ମୋହିଥିଲା। ବିଭିନ୍ନ ରାଜ୍ୟରୁ ଆସିଥିବା ଆଦିବାସୀଙ୍କ ଲୋକନୃତ୍ୟରେ ମଞ୍ଚ ଦୁଲୁକିଥିଲା। ଉଦ୍ଯାପନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ କେନ୍ଦ୍ର ପ୍ରତିରକ୍ଷା ଉପରେ ସଂସଦୀୟ କମିଟିର ସଭାପତି ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ ଯୋଗଦେଇ ଆଦିବାସୀ କଳା ଓ ସଂସ୍କୃତିକୁ ସମସ୍ତଙ୍କୁ ପରିଚିତ କରାଇବା ପାଇଁ ପ୍ରତ୍ୟେକ ବର୍ଷ ରାଜ୍ୟରେ ଏହିଭଳି ମହୋତ୍ସବ ଆୟୋଜନ କରାଯିବା ଆବଶ୍ୟକ। ଏଥି ସହିତ ବିଭିନ୍ନ ଆଦିବାସୀ ଭାଷା ଓ ଲିପିର ଉନ୍ନତୀକରଣ ସହ ପ୍ରସାରର ଆବଶ୍ୟକତା ରହିଛି ବୋଲି କହିଥିଲେ। ସମ୍ମାନିତ ଅତିଥିଭାବେ ପଦ୍ମଶ୍ରୀ ଦୈତାରୀ ନାଏକ, ଝାଡ଼ଖଣ୍ଡର ସାମାଜିକକର୍ମୀ ବର୍ଷା ଲାକରା, ଗୁଜରାଟର ଦିଲ୍ଲୀପ ନିମାମା ପ୍ରମୁଖ ଯୋଗଦେଇଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମରେ ଝାଡ଼ଖଣ୍ଡର ମୁଣ୍ଡାରୀ, ଯାତ୍ରା, ଆସାମର ରଭା ଓ ବିହୁ ଏବଂ ବଲାଙ୍ଗୀରର ଘୁଡ଼କା ଲୋକନୃତ୍ୟକୁ ଲୋକେ ମନଭରି ଉପଭୋଗ କରିଥିଲେ। ହଜାର ସଂଖ୍ୟାରେ ଦର୍ଶକ ଉପସ୍ଥିତ ରହି ନୃତ୍ୟର ତାଳେ ତାଳେ ଝୁମିଥିଲେ।

# ବାପା ହତ୍ୟା ମାମଲାରେ ପୁଅଙ୍କୁ ୭ବର୍ଷ ଜେଲ

ଭଦ୍ରକ ଅଫିସ, ୨୨।୫

ଭଦ୍ରକ ଜିଲା ଦୌରାଜଜ୍ କୋର୍ଟରେ ସୋମବାର ଏକ ହତ୍ୟା ମାମଲାର ରାୟ ପ୍ରକାଶ ପାଇଛି। ବାପାଙ୍କୁ ହତ୍ୟା ମାମଲାରେ ଧୂଷୁରୀ ଥାନା ଅଧୀନ ହଁସପୁର ସାହୁସାହି ଗ୍ରାମର ଜିତେନ କବିଙ୍କୁ କୋର୍ଟ ୭ବର୍ଷ ସଶ୍ରମ କାରାଦଣ୍ଡ ଶୁଣାଣି କରିଛନ୍ତି।

ପ୍ରକାଶ ଯେ, ଗ୍ରାମର ବୃନ୍ଦାବନ କବିଙ୍କର ଦୁଇପୁଅ ମଧ୍ୟରେ ଜମିବାଡ଼ି ଭାଗବଣ୍ଟା ସରିଯାଇ ଥିବାରୁ ସାନପୁଅ ଧିରେନ ତାଙ୍କର ଚିହ୍ନଟ ପୈତୃକ ଭାଗ ଜମିରେ ପକ୍କାଘର ନିର୍ମାଣ କରିଥିଲେ। ଉକ୍ତ ଘରର କାନ୍ଥ ପ୍ଲାଷ୍ଟର ପାଇଁ ୨୦୧୯ ଅକ୍ଟୋବର ୨୨ ସକାଳେ ବାଉଁଶ ପୋତୁଥିଲେ। ତାଙ୍କ ସ୍ତ୍ରୀ ସେଠାରେ ଠିଆ ହୋଇ ଦେଖୁଥିବା ବେଳେ ଧିରେନଙ୍କ ବଡ଼ଭାଇ ଜିତେନ ତାଙ୍କୁ ଗାଳିଗୁଲଜ ସହ ମାରପିଟ୍ କରିଥିଲେ। ବୃଦ୍ଧ ପିତା ବୃନ୍ଦାବନ ସେଠାରେ ପହଞ୍ଚି ଅଟକାଇବାରୁ ଜିତେନ ତାଙ୍କୁ ଏକ ଶାବଳରେ ପିଟି ରକ୍ତାକ୍ତ କରିଦେଇଥିଲେ। ଗୁରୁତର ବୃନ୍ଦାବନଙ୍କ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଥିଲା। ବୃନ୍ଦାବନଙ୍କ ସ୍ତ୍ରୀ ପ୍ରମିଳାଙ୍କ ଅଭିଯୋଗକ୍ରମେ ଏନେଇ ଧୂଷୁରୀ ଥାନାରେ ମାମଲା (ନଂ.୨୦୮/୧୯) ରୁଜୁ ହୋଇଥିଲା। ପୋଲିସ ଜିତେନଙ୍କୁ ଗିରଫ ପରେ କୋର୍ଟଚାଲାଣ କରିଥିଲା। ସେବେଠାରୁ ସେ ବିଚାରାଧୀନ ବନ୍ଦୀ ଭାବେ ଜେଲରେ ଥିଲେ। ସୋମବାର ଏହି ମାମଲାର ଶୁଣାଣି ପରେ ଅଭିଯୁକ୍ତଙ୍କର ହତ୍ୟା କରିବାର ଉଦ୍ଦେଶ୍ୟ ନ ଥିବା କୋର୍ଟ ଅନୁଭବ କରି ତାଙ୍କୁ ୩୦୪ (କ) ଦଫାରେ ଦୋଷୀ ସାବ୍ୟସ୍ତ କରି ହତ୍ୟା ଉଦ୍ଦେଶ୍ୟ ନ ଥିଲା ବୋଲି ରାୟ ଦେଇଥିଲେ। ସେଥିପାଇଁ ତାଙ୍କୁ ୭ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ତେବେ ଜିତେନଙ୍କ ଆର୍ଥିକ ଅବସ୍ଥା ଭଲ ନ ଥିବାରୁ ମାମଲା ପରିଚାଳନା ପାଇଁ ସରକାରୀ ଖର୍ଚ୍ଚରେ ସନ୍ତୋଷ କୁମାର ଆଚାର୍ଯ୍ୟଙ୍କୁ ଓକିଲ ନିଯୁକ୍ତି କରିଥିଲେ। ସରକାରଙ୍କ ପକ୍ଷରୁ ପବ୍ଲିକ ପ୍ରସିକ୍ୟୁଟର ପ୍ରଦୀପ୍ତ କୁମାର ସାମଲ ମାମଲା ପରିଚାଳନା କରୁଥିଲେ।

# ସୁଦାମଙ୍କୁ ପୁଣି ଦାୟିତ୍ୱ, ଜିଲାରେ ଉତ୍ସବର ମାହୋଲ

ବାରିପଦା ଅଫିସ, ୨୨।୫

ବିଜେଡି ସରକାରଙ୍କ ମନ୍ତ୍ରିମଣ୍ଡଳରେ ସୋମବାର ତିନି ନୂଆ ମନ୍ତ୍ରୀଙ୍କୁ ଦାୟିତ୍ୱ ମିଳିଛି। ମୟୂରଭଞ୍ଜ ଜିଲା ବାଙ୍ଗରିପୋଷି ବିଧାୟକ ତଥା ପ୍ରାକ୍ତନ ମନ୍ତ୍ରୀ ସୁଦାମ ମାରାଣ୍ଡିଙ୍କୁ ବିଦ୍ୟାଳୟ ଏବଂ ଗଣଶିକ୍ଷା ବିଭାଗର ଦାୟିତ୍ୱ ପ୍ରଦାନ କରାଯାଇଛି। ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ତାଙ୍କୁ ପଦ ଓ ଗୋପନୀୟତାର ଶପଥ ପାଠ କରାଇଛନ୍ତି । ଏହାକୁ ନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଜିଲାର ଦୁଇଜଣଙ୍କୁ ମନ୍ତ୍ରୀ ଭାବେ ଗୁରୁଦାୟିତ୍ୱ ଦେଇଛନ୍ତି । କରଞ୍ଜିଆ ବିଧାୟିକା ବାସନ୍ତୀ ହେମ୍ବ୍ରମ ମହିଳା ଓ ଶିଶୁ ବିକାଶ, ମିଶନଶକ୍ତି ମନ୍ତ୍ରୀ ଭାବେ ରହିଥିବା ବେଳେ ସୁଦାମଙ୍କ ଉପରେ ଆସ୍ଥା ପ୍ରକଟ କରି ପୁନର୍ବାର ଶିକ୍ଷା ବିଭାଗର ଦାୟିତ୍ୱ ନ୍ୟସ୍ତ କରିଛନ୍ତି । ଜିଲାରେ ଏବେ ଖୁସିର ମାହୋଲ। ବିଶେଷ କରି ବିଜେଡି କର୍ମୀ ଓ ନେତାମାନେ ଖୁସି ପ୍ରକଟ କରିବା ସହିତ ଜିଲାର ବିକାଶ ତ୍ୱରାନ୍ୱିତ ହେବ ବୋଲି ଆଶାବ୍ୟକ୍ତ କରିଛନ୍ତି ।

ମୁଖ୍ୟମନ୍ତ୍ରୀଙ୍କ ପଞ୍ଚମପାଳି ସରକାରରେ ପ୍ରଥମେ ସୁଦାମଙ୍କୁ ରାଜସ୍ୱ ଓ ପ୍ରାକୃତିକ ବିପର୍ଯ୍ୟୟ ପ୍ରଶମନ ମନ୍ତ୍ରୀ ଭାବେ ଅବସ୍ଥାପିତ କରିଥିଲେ । ମାତ୍ର ପ୍ରଥମ ମନ୍ତ୍ରିମଣ୍ଡଳ ଅଦଳବଦଳବେଳେ ତାଙ୍କୁ ମନ୍ତ୍ରୀ ପଦରୁ ବାଦ ଦିଆଯାଇଥିଲା। ତେତେ ପରବର୍ତ୍ତୀ ସମୟରେ ବିଜେଡି ଜିଲା ସଭାପତି ସୁଦାମ ଦଳର ଦୃଢ ସାଙ୍ଗଠନିକ ଦକ୍ଷତାର ପରିଚୟ ଦେବା ସହ ପଞ୍ଚାୟତ ନିର୍ବାଚନରେ ଦଳକୁ ଅପୂର୍ବ ସଫଳତା ମିଳିଥିଲା । ତତ୍କାଳୀନ ଦଳର ପର୍ଯ୍ୟବେକ୍ଷକ ଦାୟିତ୍ୱରେ ଥିବା ପ୍ରଣବ ପ୍ରକାଶ ଦାସଙ୍କ ଗୋଟି ଚାଳନାରେ ଭାଜପା ଗଡକୁ ଭାଙ୍ଗି ଶଙ୍ଖ କ୍ଷେତ୍ରରେ ପରିଣତ କରିଥିଲେ । ଭାଜପାର ୬ଜଣ ବିଧାୟକ ଓ ଜଣେ ଏମ୍ପି କେନ୍ଦ୍ରମନ୍ତ୍ରୀ ଦାୟିତ୍ୱରେ ରହିଥିବା ବେଳେ ପ୍ରଣବ ଓ ସୁଦାମଙ୍କ ରଣନୀତି ଆଗରେ ଖାତା ଖୋଲି ପାରି ନ ଥିଲେ । ୫୬ ଜିଲା ପରିଷଦ ଜୋନରୁ ୫୩ ବିଜେଡି ଓ ୪ ପୌର ସଂସ୍ଥାରୁ ୩ଟି ବିଜେଡି ଦଖଲ କରି ରେକର୍ଡ ସୃଷ୍ଟି କରିଥିଲା । ଆଗାମୀ ନିର୍ବାଚନକୁ ଦୃଷ୍ଟିରେ ରଖି ଦଳ ପକ୍ଷରୁ ଏପରି ବ୍ୟବସ୍ଥା କରାଯାଇଛି ବୋଲି ସାଧାରଣରେ ଆଲୋଚନା ହେଉଛି । ତେବେ ମନ୍ତ୍ରୀ ପଦ ପାଇବା ପରେ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ଅନୁଯାୟୀ କାର୍ଯ୍ୟ ସମ୍ପାଦନ କରିବେ ବୋଲି ସୁଦାମ କହିଛନ୍ତି।

ସେଲ୍ଫି କର୍ଣ୍ଣର ଧରିତ୍ରୀ DHARITRI

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

balasoreselfie@gmail.com


@କ୍ଷିତୀଶ


@ରାକେଶ


@ଶ୍ରୀକୃଷ୍ଣ

ସେଲ୍ଫି ସହ ନିଜର ନାମ ଓ ମୋବାଇଲ୍ ନମ୍ବର ଉଲ୍ଲେଖ କରନ୍ତୁ।

# ଓଇଏସ୍ ପାଇଲେ ସୁକୀର୍ତ୍ତି

ବାଲେଶ୍ୱର ଅଫିସ, ୨୨।୫



ବାଲେଶ୍ୱର ସହର ବାରବାଟୀ ଅଞ୍ଚଳର ଗୀତାଶ୍ରୀ ଦେ ଓ ସତ୍ୟେନ୍ଦ୍ର ଲାଲ କରଙ୍କ କନ୍ୟା ସୁକୀର୍ତ୍ତି ଚଳିତବର୍ଷ ଓଡ଼ିଶା ଲୋକସେବା ଆୟୋଗ ଦ୍ୱାରା ଆୟୋଜିତ ରାଜ୍ୟସ୍ତରୀୟ ଓଡ଼ିଶା ଏଜୁକେଶନ ସର୍ଭିସ (ଓଇଏସ୍) ପରୀକ୍ଷାରେ କୃତକାର୍ଯ୍ୟ ହୋଇଛନ୍ତି। ସୁକୀର୍ତ୍ତିଙ୍କ ଏହି ସଫଳତାରେ ବିଭିନ୍ନ ମହଲ ତଥା ବିଶେଷ କରି ଶିକ୍ଷକ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି।

ସୁକୀର୍ତ୍ତି ପ୍ରଥମେ ଏଫ୍ଏମ୍ କଲେଜ ପରେ ବାରିପଦା ଉତ୍କଳମଣି ଗୋପବନ୍ଧୁ ବିଏଡ଼ କଲେଜରୁ ଶିକ୍ଷାଲାଭ କରିଥିଲେ। ଏହାପରେ ରାଧାନାଥ ଇନଷ୍ଟିଚ୍ୟୁଟ ଅଫ୍ ଆଡ଼ଭାନ୍ସ ଷ୍ଟଡ଼ିଜ ଇନ ଏଜୁକେଶନ (ଆର୍ଏନ୍ଆଇଏଏସ୍ଇ) କଟକରୁ ଏମ୍ଏଡ୍ ଶିକ୍ଷା ଶେଷ ପରେ ସେ ଏବେ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟରେ ପ୍ରଫେସର ଡ. ସସ୍ମିତା କରଙ୍କ ତତ୍ତ୍ୱାବଧାନରେ ଜଣେ ଗବେଷଣାରତ ଛାତ୍ରୀ। ସେ ତାଙ୍କ ବହୁବିଧ ପ୍ରତିଭା ଯେପରିକି ଓଡ଼ିଶୀ ନୃତ୍ୟ, ରଙ୍ଗତୁଳୀର ଚିତ୍ରକର ଏବଂ ଜଣେ ମେଧାବୀ ଛାତ୍ରୀ ଭାବେ ନିଜ ଅଞ୍ଚଳରେ ସୁପରିଚିତା। ଛାତ୍ରୀ ଜୀବନରୁ ଅଧ୍ୟାପନା ସହ ଜଣେ ସଫଳ ଶିକ୍ଷାବିତ୍ ହେବାର ଇଚ୍ଛା ରଖୁଥିବା ସୁକୀର୍ତ୍ତି ସଫଳତାର ସମସ୍ତ ଶ୍ରେୟ ମା'ବାପା ଓ ତାଙ୍କର ଶୁଭେଚ୍ଛୁ ଅଧ୍ୟାପିକା ଅଧ୍ୟାପକଙ୍କୁ ଦେଇଛନ୍ତି। ପ୍ରକାଶଥାଉ କି, ତାଙ୍କର ମା' ମଧ୍ୟ ଜଣେ ଅବସରପ୍ରାପ୍ତ ଓଇଏସ୍ ଅଟନ୍ତି।

# ରାଶନକାର୍ଡ, ଆବାସ ସମ୍ପର୍କିତ ସର୍ବାଧିକ ଅଭିଯୋଗ

### ଜିଲାପାଳଙ୍କ ମିଳିତ ଜନଶୁଣାଣି

ଭଣ୍ଡାରିପୋଖରୀ, ୨୨।୫ (ସ୍ୱ.ପ୍ର.)

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ସଭାଗୃହରେ ବିଡିଓ ଦେବଦତ୍ତ ଦାସଙ୍କ ଅଧ୍ୟକ୍ଷତାରେ ଜିଲାପାଳଙ୍କ ମିଳିତ ଜନଶୁଣାଣି ସମାଧାନ ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ୬୫ ଅଭିଯୋଗ ମଧ୍ୟରୁ ରାଶନ କାର୍ଡ ଓ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ବାସଗୃହ ସମସ୍ୟା ନେଇ ସର୍ବାଧିକ ଅଭିଯୋଗ ହୋଇଥିଲା।

ପାଟୁଳି ପଞ୍ଚାୟତ ମୋବାରକପୁରଠାରେ ବିବାଦୀୟ ମେଡିକାଲ ନିର୍ମାଣକୁ ନେଇ ଅଭିଯୋଗ ହୋଇଥିବା ବେଳେ ଜୋରାଗଡ଼ିଆଠାରେ ମେଶିନ ଦ୍ୱାରା ଏମ୍ଜିଏନ୍ଆରଇଜିଏସ୍ କାମ ହେଉଥିବା ନେଇ ଆପତ୍ତି ଉଠିଥିଲା। କାଳବୈଶାଖୀ ପ୍ରଭାବରେ କ୍ଷୟକ୍ଷତି ନେଇ ଲୋକେ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ମେଗା ପାନୀୟ ଜଳ ପ୍ରକଳ୍ପ ଜରିଆରେ ନିର୍ଦ୍ଦିଷ୍ଟ ଗାଁକୁ ପାଇପ୍ ବିଛା ଯାଇ ନ ଥିବା ଅଭିଯୋଗ ହୋଇଥିଲା। ଏଥିସହ କ୍ୟାନ୍ସର ପୀଡ଼ିତାଙ୍କୁ ସାହାଯ୍ୟ ପାଇଁ ନିବେଦନ କରାଯାଇଥିଲା। ତୁରନ୍ତ ସମାଧାନ କରିବାକୁ ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏସ୍ପି ବରୁଣ ଗୁଣ୍ଟୁପାଲ୍ଲି, ପିଡି ପ୍ରତାପ ପ୍ରୀତିମୟ, ବ୍ଲକ ଅଧ୍ୟକ୍ଷା ସୁମତି ସେଠୀ, ଉପଜିଲାପାଳ ମନୋଜ ପାତ୍ର, ତହସିଲଦାର ସରୋଜକାନ୍ତ ନାୟକ ପ୍ରମୁଖଙ୍କ ସହ ବିଭିନ୍ନ ବିଭାଗ ଅଧିକାରୀ ଯୋଗ ଦେଇଥିଲେ।


ଶିବିରରେ ଉପସ୍ଥିତ ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କ ସହ ଅନ୍ୟ ଅଧିକାରୀମାନେ।

# କୋର୍ଟ କାର୍ଯ୍ୟକ୍ଷମରେ ବିଳମ୍ବ, ବଢୁଛି ଅସନ୍ତୋଷ

ଖଇରା, ୨୨।୫(ଡି.ଏନ.ଏ.)

ବାଲେଶ୍ୱର ଜିଲା ଖଇରା ବ୍ଲକରେ ଜେଏମ୍ଏଫସି କୋର୍ଟ ପାଇଁ ସମସ୍ତ କାର୍ଯ୍ୟ ଶେଷ ପରେ ଏହା ଖୋଲିବାରେ ଅହେତୁକ ବିଳମ୍ବ ଯୋଗୁ ଜନସାଧାରଣଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ଜନସାଧାରଣଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ତୁରନ୍ତ ଏଠାରେ କୋର୍ଟ କାର୍ଯ୍ୟ ଆରମ୍ଭ କରାଯିବାକୁ ଜନଜାଗରଣ ମଞ୍ଚ, ବରିଷ୍ଠ ନାଗରିକ ମଞ୍ଚ, ମୁକୁନ୍ଦ ପ୍ରସାଦ ଫାଉଣ୍ଡେଶନ ସମେତ ଅନ୍ୟାନ୍ୟ ବହୁ ସଙ୍ଗଠନ ତରଫରୁ ଦାବି କରାଯାଇଛି ।

ଖଇରାରେ ଜେଏମ୍ଏଫ୍ସି କୋର୍ଟ ପ୍ରତିଷ୍ଠା ପାଇଁ ୨୦୧୯ରେ ହାଇକୋର୍ଟ ତରଫରୁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ନିଜସ୍ୱ ଜାଗାରେ କୋର୍ଟ ଚାଲିବା ପୂର୍ବରୁ ଅସ୍ଥାୟୀ ଭାବେ ଖଇରା ବ୍ଲକ ପରିସରରେ ଥିବା ରାଜୀବ ଗାନ୍ଧୀ ସେବା କେନ୍ଦ୍ରରେ ଚଳାଇବା ପାଇଁ ୨୦୨୨ ଅକ୍ଟୋବର ୧୦ତାରିଖରେ ଜିଲା ବିଚାରିପତିଙ୍କ ନେତୃତ୍ୱରେ ପରିଦର୍ଶନରେ ଆସିଥିବା ଟିମ୍ ନିର୍ଦ୍ଦେଶ ଦେଇଥିଲେ।


ଲୋକାର୍ପଣ ଅପେକ୍ଷାରେ ଖଇରା କୋର୍ଟ।

ଏଥିପାଇଁ ଯୁଦ୍ଧକାଳୀନ ଭିତ୍ତିରେ କାର୍ଯ୍ୟ କରାଯିବା ପରେ ଜାନୁୟାରୀ ସୁଦ୍ଧା ସମସ୍ତ ଆନୁଷଙ୍ଗିକ କାର୍ଯ୍ୟ ଶେଷ ହୋଇଥିଲା। ବିଗତ ୪ମାସ ଧରି ଲୋକାର୍ପଣ ଉତ୍ସବକୁ ସ୍ଥାନୀୟ ଅଧିବାସୀ ଚାତକ ଭଳି ଚାହିଁଥିବା ବେଳେ ଏବେ ଖଇରା ଜନସାଧାରଣ ଖର୍ଚ୍ଚାନ୍ତ ହୋଇ ସମୟ ନଷ୍ଟ କରି ପୂର୍ବଭଳି ସୋର ଦୌଡ଼ିବାକୁ ବାଧ୍ୟ ହେଉଛନ୍ତି। ତୁରନ୍ତ ଖଇରାବାସୀଙ୍କୁ ନ୍ୟାୟ ପ୍ରଦାନ ପାଇଁ ବରିଷ୍ଠ ସାମାଜିକ କର୍ମୀ ଅଭିରାମ ବେହେରା, ଗଦାଧର ବାରିକ, ନିରଞ୍ଜନ ବେହେରା, ଉମେଶ ଚନ୍ଦ୍ର ନାୟକ, ଅରୁଣ କୁମାର ଦାସ, ଦେବେନ୍ଦ୍ର କୁମାର ରାଉତ, ଉପେନ୍ଦ୍ର ପ୍ରସାଦ ଦାସ ପ୍ରମୁଖ ଦାବି କରିଛନ୍ତି।

# ଫଳକରେ ସୀମିତ ରାସ୍ତା ମରାମତି

### ଅର୍ଥ ଆତ୍ମସାତ୍ ଅଭିଯୋଗ

ତିହିଡ଼ି,୨୨।୫ (ଡି.ଏନ.ଏ.)

ଭଦ୍ରକ ଜିଲା ତିହିଡ଼ି ବ୍ଲକ ଅଧୀନ ମଙ୍ଗଳପୁର ପଞ୍ଚାୟତ କନାଟିଆ ଗ୍ରାମରେ ରାସ୍ତା ମରାମତି ପାଇଁ ମଞ୍ଜୁର ହୋଇଥିବା ଅର୍ଥ ଆତ୍ମସାତ୍ ନେଇ ଅଭିଯୋଗ ହୋଇଛି। ରାସ୍ତା ମରାମତି ଲାଗି ଦେଢ଼ଲକ୍ଷ ଟଙ୍କା ଅନୁଦାନ ମିଳିଥିଲେ ମଧ୍ୟ କାମ କେବଳ ଫଳକରେ ସୀମିତ ଥିବା ଗ୍ରାମବାସୀ ସୋମବାର ଜିଲାପାଳ ଓ ବିଡିଓଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଏହାର ତଦନ୍ତ କରି ପଦକ୍ଷେପ ନେବାକୁ ସେମାନେ ଦାବି ଜଣାଇଛନ୍ତି।

ଗ୍ରାମର ଅଷ୍ଟପ୍ରହରୀ ମଣ୍ଡପଠାରୁ ଲକ୍ଷ୍ମୀନାରାୟଣ ମନ୍ଦିର ପର୍ଯ୍ୟନ୍ତ ରାସ୍ତା ମରାମତି ପାଇଁ ପଞ୍ଚାୟତରୁ ଦେଢ଼ ଲକ୍ଷ ଟଙ୍କା ମଞ୍ଜୁର ହୋଇଥିଲା। ମାତ୍ର ରାସ୍ତା ଆଦୌ ମରାମତି ହୋଇ ନ ଥିବାବେଳେ ଦେଢ଼ଲକ୍ଷ ଟଙ୍କାର ବିଲ୍ କରି ହରିଲୁଟ୍ କରାଯାଇଛି। ଏପରିକି ଗତ ୫ ବର୍ଷ ମଧ୍ୟରେ ଉକ୍ତ ରାସ୍ତା ମରାମତି ହୋଇନାହିଁ। ରାସ୍ତା ଅବସ୍ଥା ଶୋଚନୀୟ ହୋଇପଡ଼ିଛି। ଗ୍ରାମରେ ନିର୍ମାଣ ହୋଇଥିବା ଅନ୍ୟ ଏକ ରାସ୍ତାର ଶେଷ



ମୁଣ୍ଡରେ ରାସ୍ତା ମରାମତି ଫଳକ ଲଗାଇ ଦିଆଯାଇଛି। ତେବେ ସୂଚନା ଅଧିକାର ଆଇନ ବଳରେ ରାସ୍ତା ମରାମତି ଅର୍ଥ ବିଲ୍ ହୋଇଥିବା ଜାଣିବାକୁ ପାଇଛନ୍ତି ବୋଲି ଅକ୍ଷୟ ପୁହାଣ, ଦେବେନ୍ଦ୍ର ମହାନ୍ତି, ନଳିନୀ କୁମାର ମହାନ୍ତି, ତ୍ରୈଲୋଚନ ନାୟକ, ସତ୍ୟନାରାୟଣ ଦାସ, ଶଶଧର ନାୟକ, ବିନୋଦ ନାୟକ, କମଳାକାନ୍ତ ବଳ ପ୍ରମୁଖ ଗ୍ରାମବାସୀ ବିଡିଓଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଘଟଣାର ତଦନ୍ତ କରାଯିବା ପରେ ପଦକ୍ଷେପ ନିଆଯିବ ବୋଲି ବିଡିଓ ଜ୍ୟୋତିର୍ମୟ କର କହିଛନ୍ତି।

